# କୋଶଲ ସମ୍ବାଦ

କୋଶଲର ସ୍ୱର, ଜନତାର ସମ୍ବାଦ

RNI REGD NO- ORORI/26A4694 | ଦୈନିକ ଓଡ଼ିଆ ଖବର କାଗଜ | KOSHAL SAMBAD- Daily News Paper

Vol- 01 ■ No-39, Wednesday 11 November 2026 ■ 4 pages : Rs. 2/ - ■ ପ୍ରଥମ ବର୍ଷ, ସଂଖ୍ୟା-୩୯ ■ ବୁଧବାର ୧୧ ନଭେମ୍ବର ୨୦୨୬■ ୪ ପୃଷ୍ଠା: ମୂଲ୍ୟ ୨/-ଟଙ୍କା


## ସବୁଠି ଶୀତର ପହିଲି ସ୍ପର୍ଶ : ୬ଟି ସ୍ଥାନରେ ୧୫ ଡିଗ୍ରୀ ତଳେ ରାତି ତାପମାତ୍ରା ରେକର୍ଡ



ଭୁବନେଶ୍ୱର,୧୦/୧୧: ସେମିଳିଗୁଡ଼ାରେ ରାତି ତାପମାତ୍ରା ଖସି ଆସିଲା ୧୧.୬ ଡିଗ୍ରୀ ସେଲସିୟସ୍‌କୁ । ଜି.ଉଦୟଗିରି ୧୨.୪,ଦାରିଙ୍ଗିବାଡ଼ି ୧୪, ଫୁଲବାଣୀ ୧୪.୫, ଝାରସୁଗୁଡ଼ା ୧୪.୫ ଓ ଭବାନୀପାଟଣା ୧୪.୬ ଡିଗ୍ରୀ ସେଲସିୟସ । ସବୁଠି ଛୁଇଁଛି ପହିଲି ଶୀତ । ୨୦ ଡିଗ୍ରୀ ତଳେ । ଦକ୍ଷିଣ, ଆଭ୍ୟନ୍ତରୀଣ ଏବଂ ପଶ୍ଚିମରେ ଶୀତ ଅନୁଭୂତ ହୋଇଛି । ୧୫ ଡିଗ୍ରୀ ସେଲସିୟସ୍ ଭିତରେ ୬ ସ୍ଥାନ କୋରାପୁଟରେ ୨୦, ସେମିଳିଗୁଡ଼ାରେ ୧୧.୬ ରାଜ୍ୟର ପ୍ରାୟ ୬ଟି ସ୍ଥାନରେ ସୋମବାର ରାତି ତାପମାତ୍ରା ୧୫ ଡିଗ୍ରୀ ସେଲସିୟସ୍ ଭିତରେ ପହଞ୍ଚିଥିଲା। କଟକ-ଭୁବନେଶ୍ୱରରେ ରାତି ତାପମାତ୍ରା ୨୦ ଡିଗ୍ରୀ ତଳେ । ରାଜ୍ୟର ଅଳ୍ପ କିଛି ଉପକୂଳ ଓଡ଼ିଶା ବି ଶୀତର ହାଲୁକା ସ୍ପର୍ଶରୁ ଛାଡ଼ିଦେଲେ ପ୍ରାୟ ସବୁଠି ରାତି ତାପମାତ୍ରା ୨୦ ଡିଗ୍ରୀ ତଳେ ରହିଥିଲା । ଦକ୍ଷିଣ, ଆଭ୍ୟନ୍ତରୀଣ ଏବଂ ପଶ୍ଚିମରେ ଶୀତ ଅନୁଭୂତ ହୋଇଛି । ରାଜ୍ୟର ପ୍ରାୟ ୬ଟି ସ୍ଥାନରେ ସୋମବାର ରାତି ତାପମାତ୍ରା ୧୫ ଡିଗ୍ରୀ ସେଲସିୟସ୍ ଭିତରେ ରହିଥିଲା । ଝାରସୁଗୁଡ଼ାରେ ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକଠାରୁ ପ୍ରାୟ ସାଢ଼େ ୩ ଡିଗ୍ରୀ କମ୍ ଥିଲା । ଭବାନୀପାଟଣାରେ ୨ ଡିଗ୍ରୀ କମ୍ ଥିଲା ସ୍ୱାଭାବିକ ତୁଳନାରେ । ନବରଙ୍ଗପୁରରେ ୧୫, ରାଉରକେଲାରେ ୧୫.୬, ହୀରାକୁଦରେ ୧୬, ସମ୍ବଲପୁରରେ ୧୬.୨, ସୁନ୍ଦରଗଡ଼ର କିରେଇରେ ୧୬.୨, କେନ୍ଦୁଝରରେ ୧୬.୬, ରାୟଗଡ଼ା ୧୬.୬, ଚିପିଲିମା ୧୬.୮ ଡିଗ୍ରୀ ଥିଲା । ଭୁବନେଶ୍ୱର ୧୮.୫, କଟକ ୧୭.୪ ଡିଗ୍ରୀ ସେଲସିୟସ୍ ଥିଲା । ହୀରାକୁଦରେ ସ୍ୱାଭାବିକରୁ ୩.୨ ଡିଗ୍ରୀ କମ୍ ଥିଲା ରାତିର ତାପମାତ୍ରା। (ଅବଶିଷ୍ଟାଂଶ ପୃଷ୍ଠା-୩ରେ)

## ରାଜ୍ୟର ୬୩୧ଟି କଲେଜରେ ମିଳିବ ମାଗଣା ହାଇସ୍ପିଡ୍ ୱାଇଫାଇ

**୩୯୩.୬୨ କୋଟି ଟଙ୍କାର ଯୋଜନାକୁ କ୍ୟାବିନେଟ୍ ମଞ୍ଜୁରି**



ଭୁବନେଶ୍ୱର,୧୦/୧୧: ଉଚ୍ଚଶିକ୍ଷା କ୍ଷେତ୍ରରେ ଡିଜିଟାଲ୍ ସୁବିଧାର ବିକାଶ ପାଇଁ ଓଡ଼ିଶା ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି। ରାଜ୍ୟର ସରକାରୀ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକରେ ମାଗଣା ହାଇସ୍ପିଡ୍ ଇଣ୍ଟରନେଟ୍ ସୁବିଧା ଯୋଗାଇଦେବା ଲକ୍ଷ୍ୟରେ 'ଓଡ଼ିଶା ଶିକ୍ଷାନେଟ୍' ଯୋଜନାକୁ କ୍ୟାବିନେଟ୍ ମଞ୍ଜୁରି ମିଳିଛି। ଏହି ପ୍ରକଳ୍ପ ପାଇଁ ତିନି ବର୍ଷରେ ୩୯୩.୬୨ କୋଟି ଟଙ୍କା ବ୍ୟୟ କରାଯିବ। ଯୋଜନା ଅନୁଯାୟୀ, ପର୍ଯ୍ୟାୟକ୍ରମେ ୬୦୧ଟି ସରକାରୀ ଓ ଅନୁଦାନପ୍ରାପ୍ତ କଲେଜ ସହ ପୂର୍ବରୁ ପ୍ରଥମ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ ୧୩୦ଟି କଲେଜକୁ ମିଶାଇ ମୋଟ ୭୩୧ଟି ଶିକ୍ଷାନୁଷ୍ଠାନରେ ଇଣ୍ଟରନେଟ୍ ସଂଯୋଗକୁ ବ୍ୟବସ୍ଥିତ କରାଯିବ। ଏହା ଦ୍ୱାରା ଛାତ୍ରଛାତ୍ରୀମାନେ ଅନଲାଇନ୍ ପାଠ୍ୟସାମଗ୍ରୀ, ଡିଜିଟାଲ୍ ଲାଇବ୍ରେରୀ, (ଅବଶିଷ୍ଟାଂଶ ପୃଷ୍ଠା-୩ରେ)







# କୋଶଳ ସମ୍ବାଦ

ବୁଧବାର ୧୧ ନଭେମ୍ବର ୨୦୨୬





## ସାମାଜିକ ସୁରକ୍ଷାର ସ୍ୱପ୍ନ ଓ ବାସ୍ତବତା: ବୃଦ୍ଧ, ବିଧବା ଓ ଅସହାୟଙ୍କ ପାଇଁ ସରକାରୀ ଯୋଜନା କେତେ ସହାୟକ ?




**ପ୍ରଫୁଲ୍ଲ ରୋହିଦାସ**
ସଂପାଦକ- କୋଶଳ ସମ୍ବାଦ
ଉଜ୍ଜ୍ୱଳପୁର ସୁନ୍ଦରଗଡ଼


ଏକ ସଭ୍ୟ ସମାଜର ପରିଚୟ କେବଳ ତାହାର ରାସ୍ତାଘାଟ, ବଡ଼ ବଡ଼ କୋଠାବାଡ଼ି କିମ୍ବା ଶିଳ୍ପାୟନରେ ନୁହେଁ; ବରଂ ସମାଜର ସବୁଠାରୁ ଦୁର୍ବଳ ଓ ଅସହାୟ ମଣିଷଟି କେତେ ସମ୍ମାନର ସହ ବଞ୍ଚିପାରୁଛି, ତାହା ହିଁ ପ୍ରକୃତ ବିକାଶର ମାପକାଠି। ବିଶେଷକରି ବୃଦ୍ଧବୃଦ୍ଧା, ବିଧବା, ଦିବ୍ୟାଙ୍ଗ ଓ ନିରାଶ୍ରୟ ଲୋକଙ୍କ ଜୀବନରେ ସାମାଜିକ ସୁରକ୍ଷାର ଗୁରୁତ୍ୱ ଅତ୍ୟନ୍ତ ଅଧିକ। ଯେଉଁ ବୟସରେ ମଣିଷକୁ ପରିବାରର ସ୍ନେହ, ସମ୍ମାନ ଓ ଯତ୍ନ ଆବଶ୍ୟକ, ସେହି ସମୟରେ ଅନେକ ଲୋକ ଆର୍ଥିକ ଅନିଶ୍ଚିତତା ଓ ଅସହାୟତା ମଧ୍ୟରେ ଜୀବନ କାଟୁଛନ୍ତି।

ଓଡ଼ିଶାରେ ମଧୁବାବୁ ପେନ୍‌ସନ୍ ଯୋଜନା ଭଳି ସାମାଜିକ ସୁରକ୍ଷା ଯୋଜନା ଦୀର୍ଘଦିନ ଧରି ଏହି ଅସହାୟ ବର୍ଗଙ୍କ ପାଇଁ ଏକ ଆଶାର ଆଲୋକ ହୋଇ ରହିଛି। ନିକଟରେ ରାଜ୍ୟ ସରକାର ଏହି ଯୋଜନାରେ ୫ ଲକ୍ଷରୁ ଅଧିକ ନୂତନ ହିତାଧିକାରୀଙ୍କୁ ସାମିଲ କରିବା ସହ ପେନସନ୍ ବ୍ୟବସ୍ଥାକୁ ଅଧିକ ସୁବ୍ୟବସ୍ଥିତ କରିବା ପାଇଁ ପଦକ୍ଷେପ ନେଇଛନ୍ତି। ଏହା ନିଶ୍ଚିତ ଭାବେ ଏକ ସ୍ୱାଗତଯୋଗ୍ୟ ଉଦ୍ୟମ। କିନ୍ତୁ ଯୋଜନା ଘୋଷଣା ଓ ତାହାର ସଫଳ କାର୍ଯ୍ୟକାରିତା ମଧ୍ୟରେ ଥିବା ଦୂରତାକୁ ଦୂର କରିବା ଆଜିର ସବୁଠାରୁ ବଡ଼ ଆହ୍ୱାନ।

ଗ୍ରାମାଞ୍ଚଳରେ ଏବେ ମଧ୍ୟ ଏପରି ଅନେକ ବୃଦ୍ଧବୃଦ୍ଧା ଅଛନ୍ତି, ଯେଉଁମାନେ ସରକାରୀ ଯୋଜନାର ସୁବିଧା ପାଇବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟରୁ ବ୍ଲକ୍ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡ଼ିବାକୁ ବାଧ ହେଉଛନ୍ତି। କାହାର ଆଧାର କାର୍ଡରେ ତ୍ରୁଟି, କାହାର ବ୍ୟାଙ୍କ ଖାତାରେ ସମସ୍ୟା, ଆଉ କାହାର ଆବେଦନ ଦୀର୍ଘଦିନ ଧରି ବିଚାରାଧୀନ ରହିଯାଉଛି। ଡିଜିଟାଲ୍ ବ୍ୟବସ୍ଥା ନିଶ୍ଚିତ ଭାବେ ପ୍ରଶାସନକୁ ସ୍ୱଚ୍ଛ ଓ ଦ୍ରୁତ କରିପାରେ, କିନ୍ତୁ ଯେଉଁ ଲୋକମାନେ ମୋବାଇଲ୍ ଓ ଇଣ୍ଟରନେଟ୍ ବ୍ୟବହାର ଜାଣିନାହାନ୍ତି, ସେମାନଙ୍କ ପାଇଁ ସହାୟତା ବ୍ୟବସ୍ଥା ମଧ୍ୟ ରହିବା ଆବଶ୍ୟକ।

ସରକାରଙ୍କ ଦାୟିତ୍ୱ କେବଳ ଯୋଜନା ଆରମ୍ଭ କରିବାରେ ସୀମିତ ରହିବା ଉଚିତ୍ ନୁହେଁ। ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀ ଯେପରି ସମୟମତେ ନିଜର ପ୍ରାପ୍ୟ ପାଇପାରିବେ, ସେଥିପାଇଁ ପଞ୍ଚାୟତ ସ୍ତରରେ ନିୟମିତ ଯାଞ୍ଚ, ଅଭିଯୋଗ ଶୁଣାଣି ଓ ତ୍ୱରିତ ସମାଧାନର ବ୍ୟବସ୍ଥା ହେବା ଦରକାର। ଦଲାଲ୍‌ରାଜ, ଅନିୟମିତତା ଓ ଅଯଥା ବିଳମ୍ବକୁ ରୋକିବା ପାଇଁ ପ୍ରଶାସନକୁ ଅଧିକ ଉତ୍ତରଦାୟୀ ହେବାକୁ ପଡ଼ିବ।

ଅନ୍ୟପଟେ ପରିବାର ଓ ସମାଜର ମଧ୍ୟ ଏକ ବଡ଼ ଦାୟିତ୍ୱ ରହିଛି। ବୃଦ୍ଧବୃଦ୍ଧାଙ୍କୁ କେବଳ ସରକାରୀ ଭତ୍ତା ଉପରେ ନିର୍ଭରଶୀଳ କରି ଛାଡ଼ିଦେବା ମାନବିକତା ନୁହେଁ। ସେମାନଙ୍କୁ ସ୍ନେହ, ଯତ୍ନ ଓ ସମ୍ମାନ ଦେବା ପ୍ରତ୍ୟେକ ପରିବାରର ନୈତିକ କର୍ତ୍ତବ୍ୟ।

ବାସ୍ତବରେ ସାମାଜିକ ସୁରକ୍ଷା କୌଣସି ଦୟା ନୁହେଁ, ଏହା ଜଣେ ନାଗରିକଙ୍କ ସମ୍ମାନଜନକ ଜୀବନଯାପନର ଅଧିକାର। ସରକାରୀ ଯୋଜନାର ସଫଳତା ହିତାଧିକାରୀଙ୍କ ସଂଖ୍ୟାରେ ନୁହେଁ, ବରଂ ଜଣେ ଅସହାୟ ମଣିଷର ମୁହଁରେ ଫୁଟିଥିବା ହସରେ ପ୍ରତିଫଳିତ ହେବା ଦରକାର। ତେଣୁ ଯୋଜନାର ବିସ୍ତାର ସହିତ ତାହାର ସ୍ୱଚ୍ଛତା, ସୁବିଧା ଓ ମାନବିକତାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉ।

## ଢେଙ୍କାନାଳ ମହିଳା ମହାବିଦ୍ୟାଳୟରେ MY Bharat ଯୁବ ସମ୍ବାଦ କାର୍ଯ୍ୟକ୍ରମ

**Youth Icon ଅଭିଷେକ ପଣ୍ଡାଙ୍କ ଉପସ୍ଥିତିରେ ଯୁବପିଢ଼ିଙ୍କୁ ଭୋଟର ଅଧିକାର ଓ ଗଣତନ୍ତ୍ରର ମହତ୍ତ୍ୱ ଉପରେ ସଚେତନତା**



ଢେଙ୍କାନାଳ, ୧୦/୧୧; ଯୁବପିଢ଼ିଙ୍କ ମଧ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧ, ନାଗରିକ ଦାୟିତ୍ୱ ଏବଂ ଭୋଟଦାନ ପ୍ରତି ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ **MY Bharat** ଢେଙ୍କାନାଳ ପକ୍ଷରୁ ଢେଙ୍କାନାଳ ମହିଳା ମହାବିଦ୍ୟାଳୟ ପରିସରରେ ଏକ ଯୁବ ସମ୍ବାଦ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ **MY Bharat Youth Icon** ଅଭିଷେକ ପଣ୍ଡା ଯୋଗଦେଇ ମହାବିଦ୍ୟାଳୟର ଛାତ୍ରୀମାନଙ୍କ ସହିତ **"Your Vote, Your Voice'** ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ଭୋଟ କେବଳ ଏକ ଅଧିକାର ନୁହେଁ, ବରଂ ଏହା ଜଣେ ଦାୟିତ୍ୱବାନ ନାଗରିକଙ୍କ ଗଣତାନ୍ତ୍ରିକ କର୍ତ୍ତବ୍ୟ ବୋଲି ସେ ନିଜ ଅଭିଭାଷଣରେ ଉଲ୍ଲେଖ କରିଥିଲେ। ଯୁବପିଢ଼ି ନିଜର ମତଦାନ ଅଧିକାର ସମ୍ପର୍କରେ ଜାଣିବା ସହିତ ଅନ୍ୟମାନଙ୍କୁ ମଧ୍ୟ ସଚେତନ କରିବା ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ।

ଏଥିସହିତ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା (SIR), ଭୋଟର ପଞ୍ଜୀକରଣ, ନିଜର ଭୋଟର ପରିଚୟ ଏବଂ ନିର୍ବାଚନ ପ୍ରକ୍ରିୟା ସମ୍ପର୍କରେ ମଧ୍ୟ ଛାତ୍ରୀମାନଙ୍କୁ ସରଳ ଭାଷାରେ ବୁଝାଇଥିଲେ। ଗଣତନ୍ତ୍ରର ସୁଦୃଢ଼ୀକରଣରେ ଯୁବସମାଜର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ, ସେ ସମ୍ପର୍କରେ ମଧ୍ୟ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଶକୁନ୍ତଳା ଜେନା, ସାମାଜିକ ଗଣମାଧ୍ୟମ ପ୍ରତିନିଧି ସୌମ୍ୟବ୍ରତ ସାହୁ ଏବଂ **MY Bharat** ର ବିପ୍ରବର ବେହେରା ମଞ୍ଚାସୀନ ଅତିଥି ଭାବେ ଯୋଗଦେଇ ଯୁବଶକ୍ତିର ସାମର୍ଥ୍ୟ, ସାମାଜିକ ଦାୟିତ୍ୱବୋଧ ଏବଂ ଦେଶ ଗଠନରେ ଯୁବପିଢ଼ିଙ୍କ ସକ୍ରିୟ ଭାଗୀଦାରି ଉପରେ ନିଜ ନିଜର ମତ ରଖିଥିଲେ। ଏହି ଅବସରରେ ଅଭିଷେକ ପଣ୍ଡା କହିଥିଲେ ଯେ, 'ଯୁବପିଢ଼ି ହେଉଛନ୍ତି ଦେଶର ସବୁଠାରୁ ବଡ଼ ଶକ୍ତି। ଯୁବକ ଓ ଯୁବତୀମାନେ ନିଜ ଅଧିକାର, କର୍ତ୍ତବ୍ୟ ଏବଂ ସାମାଜିକ ଦାୟିତ୍ୱ ପ୍ରତି ସଚେତନ ହେଲେ ହିଁ ଏକ ସଶକ୍ତ, ସମୃଦ୍ଧ ଓ ବିକଶିତ ଭାରତ ଗଠନ ସମ୍ଭବ।' କାର୍ଯ୍ୟକ୍ରମର ପରିଚାଳନା ଓ ଆୟୋଜନରେ ସୁଚିରଞ୍ଜନ ସାହୁ, ସୌମ୍ୟାଶ୍ରୀ ମିଶ୍ର, ଜ୍ଞାନରଞ୍ଜନ ନାଠୀ ଏବଂ ରୁନିତା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଏକ ବିଶେଷ ଅନୁଭୂତି ଓ ଗର୍ବର ମୁହୂର୍ତ୍ତ - ଜଣେ **MY Bharat Youth Icon** ଭାବରେ ମହିଳା ମହାବିଦ୍ୟାଳୟର ଛାତ୍ରୀମାନଙ୍କ ସହିତ ସିଧାସଳଖ ଆଲୋଚନା କରିବା ଏବଂ ସେମାନଙ୍କୁ ଗଣତାନ୍ତ୍ରିକ ଅଧିକାର ସମ୍ପର୍କରେ ସଚେତନ କରିବା ଅଭିଷେକ ପଣ୍ଡାଙ୍କ ପାଇଁ ଏକ ଗର୍ବ ଓ ଆତ୍ମସନ୍ତୋଷର ବିଷୟ ଥିଲା। **NSS** ଓ **MY Bharat** ମାଧ୍ୟମରେ ଯୁବ ସମାଜ ସହ ଯୋଡ଼ିହୋଇ ସମାଜ ପାଇଁ କାର୍ଯ୍ୟ କରିବାର ତାଙ୍କର ଲକ୍ଷ୍ୟକୁ ଏହି କାର୍ଯ୍ୟକ୍ରମ ଆହୁରି ନୂଆ ଦିଗ ଦେଇଛି। ଯୁବପିଢ଼ିଙ୍କ ମଧ୍ୟରେ ସଚେତନତା, ନେତୃତ୍ୱ ଓ ସାମାଜିକ ଦାୟିତ୍ୱବୋଧ ସୃଷ୍ଟି କରିବାର ଏହି ପ୍ରୟାସ ନିଶ୍ଚିତ ଭାବେ ଏକ ପ୍ରେରଣାଦାୟକ ପଦକ୍ଷେପ।

## କୁଆଁରମୁଣ୍ଡା ଚେକ୍‌ଗେଟ୍‌ରୁ ଭାଟିଫିଲ୍ଡ ରାସ୍ତାରେ ଡ୍ରେନ୍ ପାଣିର ସମସ୍ୟା, ପ୍ରଶାସନର ଦୃଷ୍ଟି କେବେ ପଡ଼ିବ



କୁଆଁରମୁଣ୍ଡା, ୧୦/୧୧: କୁଆଁରମୁଣ୍ଡା ଚେକ୍‌ଗେଟ୍‌ରୁ ଭାଟିଫିଲ୍ଡକୁ ଯାଇଥିବା ରାସ୍ତାରେ ଡ୍ରେନ୍‌ର ମଇଳା ପାଣି ଜମି ରହୁଥିବା ଦେଖିବାକୁ ମିଳୁଛି। ଡ୍ରେନ୍‌ର ମଇଳା ପାଣି ରାସ୍ତା ଉପରକୁ ବୋହି ଆସୁଥିବାରୁ ଯାତାୟାତ କରୁଥିବା ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସବୁଠାରୁ ଚିନ୍ତାର ବିଷୟ ହେଉଛି, ଘରର ବାଥରୁମ୍ ଓ ଅନ୍ୟାନ୍ୟ ସ୍ଥାନରୁ ବାହାରୁଥିବା ମଇଳା ପାଣି ରାସ୍ତା ଉପରେ ଜମା ହେଉଛି। ଏହି ରାସ୍ତା ଦେଇ କେହି ମନ୍ଦିରକୁ ଯାଉଛନ୍ତି ତ କେହି ନିଜ ଦୈନନ୍ଦିନ କାର୍ଯ୍ୟରେ ଯାତାୟାତ କରୁଛନ୍ତି। ଛାତ୍ରଛାତ୍ରୀ, ବୟସ୍କ ଓ ସାଧାରଣ ଲୋକଙ୍କୁ ମଧ୍ୟ ଏହି ମଇଳା ପାଣି ମଧ୍ୟ ଦେଇ ଯାତାୟାତ କରିବାକୁ ପଡୁଛି। ଏଭଳି ଅପରିଷ୍କାର ପରିବେଶ ଯୋଗୁଁ ଦୁର୍ଗନ୍ଧ ସହିତ ରୋଗ ସଂକ୍ରମଣର ଆଶଙ୍କା ମଧ୍ୟ ରହିଛି। ତେବେ ପ୍ରଶ୍ନ ଉଠୁଛି, ଏହି ଡ୍ରେନ୍‌ର ମରାମତି କେବେ ହେବ ? ରାସ୍ତା ଉପରକୁ ମଇଳା ପାଣି ଆସିବା ବନ୍ଦ କରିବାକୁ ସମ୍ପୃକ୍ତ ବିଭାଗ କେବେ ପଦକ୍ଷେପ ନେବ ? ସମ୍ପୃକ୍ତ ବିଭାଗ ଓ ପ୍ରଶାସନ ଏହି ସମସ୍ୟାକୁ ଗୁରୁତ୍ୱର ସହ ନେଇ ତୁରନ୍ତ ଡ୍ରେନ୍‌ର ମରାମତି ଏବଂ ସ୍ଥାୟୀ ସମାଧାନ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି। ପ୍ରଶ୍ନ ହେଉଛି— ଲୋକେ ଆଉ କେତେଦିନ ଏହି ମଇଳା ପାଣି ଦେଇ ଯାତାୟାତ କରିବେ ? ପ୍ରଶାସନ ଏହାର ଉତ୍ତର ଦେବ କି ?

## ରାମନାଗୁଡ଼ାରେ ଶିଶୁ ଶ୍ରମ ଆଇନ ସଚେତନତା ଶିବିର ଅନୁଷ୍ଠିତ

**ଶିଶୁ ଶ୍ରମ ମୁକ୍ତ ଗ୍ରାମ ପଂଚାୟତ ଗଠନ କରିବା ଲକ୍ଷ**



ରାମନାଗୁଡ଼ା:୧୦/୧୧- : ରାୟଗଡା ଜିଲ୍ଲା ରାମନାଗୁଡ଼ା ପଂଚାୟତ ସମିତି କାର୍ଯ୍ୟାଳୟ ପରିସରରେ ରାମନାଗୁଡ଼ା ବ୍ଲକ୍ ପ୍ରଶାସନ, ଜିଲ୍ଲା ଶ୍ରମ ବିଭାଗ ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମ ରେ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶିଶୁ ଶ୍ରମ ସୁରକ୍ଷା ଆଇନ ସଚେତନତା ରଥ କୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ, ତହସିଲଦାର ପ୍ରତି ପିଲା ସ୍କୁଲ୍ ଯିବା ଦରକାର। ମାଆ-ବାପା ମାନେ ପିଲାକୁ କାମକୁ ନ ପଠାଇ ପାଠ ପଢାଇବାକୁ ଆଗେଇ ଆସନ୍ତୁ ବୋଲି କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିବା କର୍ମଚାରୀ ଙ୍କୁ ପରାମର୍ଶ ଦେଇଥିଲେ।ବିଡ଼ିଓ ଶ୍ରୀ ପ୍ରଦ୍ୟୁମ୍ନ ମଣ୍ଡଳ କହିଲେ, 'ଗରିବୀ ଯୋଗୁଁ ଯଦି କେହି ପିଲା ସ୍କୁଲ୍ ଛାଡୁଛି, ଆମକୁ କହନ୍ତୁ। ସରକାରଙ୍କ ଅନେକ ଯୋଜନା ଅଛି। ପିଲାକୁ କାମକୁ ପଠାଇବା ସମସ୍ୟାର ସମାଧାନ ନୁହେଁ, ସମସ୍ୟାକୁ ଆହୁରି ବଢାଇବା ବୋଲି ମତ ପୋଷଣ କରିଥିଲେ।ତହସିଲଦାର ଶ୍ରୀ ପ୍ରାଣକୃଷ୍ଣ ପାଣିଗ୍ରାହୀ କହିଲେ,ରାମନାଗୁଡ଼ାରେ ଶିଶୁ ଶ୍ରମ ସମ୍ପୂର୍ଣ୍ଣ ବନ୍ଦ ହେବା ଦରକାର। ପ୍ରଶାସନ ଏ ଦିଗରେ କଡା ନଜର ରଖିବ। କେହି ଯଦି ପିଲାଙ୍କୁ କାମରେ ଲଗାଇଥିବେ, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିବା ବେଳେ ଅତିରିକ୍ତ ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ନିରଞ୍ଜନ ଭୂୟାଁ ଶିଶୁ ଶ୍ରମ ଆଇନ୍ ବିଷୟରେ ବୁଝାଇ କହିଲେ, '୧୪ ବର୍ଷରୁ କମ୍ ପିଲାଙ୍କୁ ଦୋକାନ, ହୋଟେଲ, ଇଟାଭାଟି, ଗ୍ୟାରେଜ୍ କି ଘର କାମରେ ଲଗାଇବା ସମ୍ପୂର୍ଣ୍ଣ ବେଆଇନ୍। ଶିଶୁ ଶ୍ରମ (ନିଷେଧ ଓ ନିୟମନ) ଆଇନ ୧୯୮୬ ଓ ସଂଶୋଧିତ ଆଇନ ୨୦୧୬ ବିଷୟରେ ବୁଝାଇଥିଲେ। ଏବଂ ୧୪ ରୁ ୧୮ ବର୍ଷ ପିଲାଙ୍କୁ ବିପଦଜନକ କାମରେ ଲଗାଇବା ବି ଅପରାଧ। ଧରା ପଡିଲେ ତିନି ବର୍ଷ ଜେଲ୍ ସହ ଜରିମାନା ଦୁଇଟା ଯାକ ହୋଇପାରେ ବୋଲି ନିଜ ପ୍ରତିକ୍ରିୟା ରେ କହିଥିଲେ। ସେହିପରି ସିଡିପିଓ ଶ୍ରୀମତୀ ଅଞ୍ଜଳି ମହାପାତ୍ର କହିଲେ, 'ପିଲାର ପୋଷଣ, ସ୍ୱାସ୍ଥ୍ୟ ଆଉ ଶିକ୍ଷା ଉପରେ ଧ୍ୟାନ ଦେବା ଆମ ସମସ୍ତଙ୍କ କର୍ତ୍ତବ୍ୟ। ଅଙ୍ଗନବାଡ଼ି ଆଉ ସ୍କୁଲ୍‌ରେ ପିଲାକୁ ରଖନ୍ତୁ।'ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଶ୍ରୀ ପଦ୍ମନ ସାହୁ କହିଲେ, ପ୍ରତି ପଞ୍ଚାୟତରେ ଏ ସଚେତନତା ପହଞ୍ଚିବା ଦରକାର। ସରପଞ୍ଚ, ୱାର୍ଡ ମେମ୍ବର ମାନେ ନିଜ ଗାଁରେ ନଜର ରଖନ୍ତୁ ବୋଲି ମତ ରଖିଥିଲେ।

ଶେଷରେ ସମସ୍ତ ଅତିଥି, ଆଉ ଜନତା ମିଶି ହାତ ଆମେ ନିଜ ଘରେ, ଦୋକାନରେ, ଜମିରେ କେବେ ଶିଶୁ ଶ୍ରମିକ ରଖିବୁ ନାହିଁ। ଯଦି କେଉଁଠି ଶିଶୁ ଶ୍ରମିକ ଦେଖିବୁ, ତୁରନ୍ତ ପ୍ରଶାସନକୁ ଜଣାଇବୁ। ବୋଲି ଶପଥ କରିଥିଲେ।ଯଦି କେଉଁଠି ଶିଶୁ ଶ୍ରମିକ ନିୟୋଜିତ ଥିବାର ଦେଖନ୍ତି ତାହାହେଲେ ଚାଇଲ୍ଡ ହେଲ୍ପଲାଇନ୍ ୧୦୯୮ କୁ ଫୋନ୍ କରନ୍ତୁ କିମ୍ବା ନିକଟସ୍ଥ ଥାନା କି ବ୍ଲକ୍ କାର୍ଯ୍ୟାଳୟକୁ ଜଣାନ୍ତୁ ବୋଲି ଅତିରିକ୍ତ ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ଭୂୟାଁ କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସରପଞ୍ଚ, ସମିତି ସଭ୍ୟ, ସଭ୍ୟା, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଶିକ୍ଷକ, ଅଙ୍ଗନବାଡ଼ି କର୍ମୀ, ଦୋକାନୀ, ଅବିଭାବକ, ଯୋଗ ଦେଇଥିଲେ।

## ଚାଲି ଚାଲି ଯାଉଥିଲେ ଦମ୍ପତି, କାର ଧକ୍କାରେ ଚାଲିଗଲା ଉଭୟଙ୍କ ଜୀବନ




କୋରାପୁଟ, ୧୦।୧୧ : କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ସଦର ମହକୁମାର ଏଚପି ପେଟ୍ରୋଲ ପମ୍ପ ନିକଟରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଚାଲି ଚାଲି ଯାଉଥିବା ଦମ୍ପତିଙ୍କୁ ପଛପଟୁ ଏକ କାର ଧକ୍କା ଦେବାରୁ ଘଟଣାସ୍ଥଳରେ ସେମାନଙ୍କ ମୃତ୍ୟୁ ଘଟିଛି। ମୃତକ ଦମ୍ପତି ହେଲେ ପର୍ଶୁ ହନ୍ତାଳ (୨୦) ଓ ଜେମା ପାଙ୍ଗି (୨୧)। ଦୁର୍ଘଟଣା ଘଟାଇ କାରଟି ଫେରାର ହେଉଥିବା ବେଳେ ଲମତାପୁଟ ଓ ମାଛକୁଣ୍ଡ ପୋଲିସର ସହାୟତାରେ ନନ୍ଦପୁର ପୋଲିସ ପିଛା କରି କାର ସମେତ ଚାଳକ ଓ ସହଯାତ୍ରୀଙ୍କୁ ଲମତାପୁଟ ବ୍ଲକ ଚାଙ୍ଗୁଡ଼ିପଡ଼ା ଗ୍ରାମ ନିକଟରେ କାବୁ କରିଛି। ବନ୍ଦୁର ପଞ୍ଚାୟତ କୁନ୍ଦିଗୁଡା ଗ୍ରାମର ପର୍ଶୁ ଓ ମାଲକାନଗିରି କେନ୍ଦୁଗୁଡା ଗ୍ରାମର ଯୁବତୀ ଜେମା ଦେଢ଼ବର୍ଷ ତଳେ ବିବାହ କରି ନନ୍ଦପୁର ଭୈରବୀ ମନ୍ଦିର ପାର୍ଶ୍ୱରେ ବସବାସ କରୁଥିଲେ। ଭାଗ ଚାଷ ଓ କୁଲି ମଜୁରୀ କରି ଚଳୁଥିଲେ। ଆଜି ଦୁହେଁ ନିକଟସ୍ଥ କ୍ଷେତକୁ ଚାଲି ଚାଲି ଯାଉଥିଲେ। ଏହି ସମୟରେ ଏକ କାର ଦ୍ରୁତଗତିରେ ଆସି ପଛପଟରୁ ଦୁହିଁଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ସ୍ଥାନୀୟ ଲୋକ ଦୁହିଁଙ୍କୁ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନେଇଥିଲେ। ସେଠାରେ ଡାକ୍ତର ଦୁଇ ଜଣଙ୍କୁ ମୃତ ଘୋଷଣା କରିଥିଲେ। ନନ୍ଦପୁର ପୋଲିସ ଥାନାଧିକାରୀ ତ୍ରିନାଥ ତୋଟା ପାଡିଆ ତୁରନ୍ତ ସିସି ଟିଭି ଯାଞ୍ଚ କରି ଏକ କାରର ସମ୍ମୁଖ କାଚ ଦୁଇ ପାର୍ଶ୍ୱ ଭାଙ୍ଗିଥିବା ଓ ଦ୍ରୁତ ଗତିରେ ଲମତାପୁଟ ପଟକୁ ଯାଉଥିବା ସୂଚନା ପାଇଥିଲା। ଲମତାପୁଟ ଓ ମାଛକୁଣ୍ଡ ପୋଲିସର ସହାୟତା ନେଇ କାରର ପିଛା କରି ଶେଷରେ ଲମତାପୁଟ ବ୍ଲକ ସୀମା ଚାଙ୍ଗୁଡି ପଡ଼ା ନିକଟରୁ କାର ସମେତ ଚାଳକ ଓ ସହଯାତ୍ରୀଙ୍କୁ କାବୁ କରିଥିଲେ। ଅଟକ ୪ ଜଣଙ୍କୁ ପଚରା ଉଚରା ପରେ ଜଣାପଡିଛି ଯେ ସେମାନେ ନୟାଗଡ଼ରୁ ରାଣୀ ଡୁଡୁମା ଏବଂ ଡୁଡୁମା ଜଳପ୍ରପାତ ବୁଲି ଆସିଥିଲେ। ପୋଲିସ ଅଟକ ରଖିଥିବା ବ୍ୟକ୍ତିଙ୍କ ଠାରୁ ଘଟଣା ତଦନ୍ତ କରୁଛି।

## ସମ୍ବଲପୁରରେ 'ଗଣତନ୍ତ୍ର ବଂଚାଅ, ଅରାଜକତା ହଟାଅ' ବିଶାଳ ଅଭିଯାନ

ସମ୍ବଲପୁର, ୧୦/୧୧: କେନ୍ଦ୍ରର ମୋଦୀ ସରକାର, ବିଜେପି ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ପ୍ରଶାସନିକ କାର୍ଯ୍ୟକାରୀ ସଂସ୍ଥା ବିରୁଦ୍ଧରେ ଷଡ଼ଯନ୍ତ୍ର ପୂର୍ବକ ବିରୋଧୀଙ୍କ ଆନ୍ଦୋଳନ ଓ ଅପପ୍ରଚାରକୁ ପ୍ରତିହତ କରିବା ପାଇଁ ବିଜେପି ପକ୍ଷରୁ ଦେଶ ବ୍ୟାପି 'ଗଣତନ୍ତ୍ର ବଂଚାଅ, ଅରାଜକତା ହଟାଅ' ଅଭିଯାନ ଆରମ୍ଭ କରାଯାଇଛି । ଏହି ମର୍ମରେ ଆଗାମୀ ଦିନରେ ସମ୍ବଲପୁର ଜିଲ୍ଲାରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମର ପରିକଳ୍ପନାକୁ ନେଇ ଆଜି ସମ୍ବଲପୁର ଜିଲ୍ଲା ଭାଜପା ପକ୍ଷରୁ 'ଗଣତନ୍ତ୍ର ବଂଚାଅ, ଅରାଜକତା ହଟାଅ' ଶୀର୍ଷକ ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ଗଣତନ୍ତ୍ରର ସୁରକ୍ଷା, ଜନସାଧାରଣଙ୍କ ମୌଳିକ ଅଧିକାର ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧର ସୁଦୃଢ଼ୀକରଣ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା ।




କୋଶଳ ସମାଜ

ବୁଧବାର ୧୧ ନଭେମ୍ବର ୨୦୨୬




# ପୂଜା ବିସର୍ଜନ ପରେ ବୈଠକରେ ରକ୍ତାକ୍ତ ସଂଘର୍ଷ, କଟୁରୀ ଆକ୍ରମଣରେ ଯୁବକ ଗୁରୁତର

ଲେଫ୍ରିପଡ଼ା, ୧୦/୧୧(ରିପୋର୍ଟ: ପ୍ରଫୁଲ୍ଲ ରୋହିଦାସ): ସୁନ୍ଦରଗଡ଼ ଜିଲ୍ଲା ଲେଫ୍ରିପଡ଼ା ଥାନା ଅନ୍ତର୍ଗତ କୁତୁରମା ବେନିଧିପା ଗ୍ରାମରେ ପୂଜା ବିସର୍ଜନ ପରେ ଆୟୋଜିତ ଏକ ବୈଠକକୁ କେନ୍ଦ୍ର କରି ରକ୍ତାକ୍ତ ସଂଘର୍ଷ ଘଟିଛି। ଏହି ଘଟଣାରେ କଟୁରୀ ଆକ୍ରମଣରେ ଜଣେ ୨୩ ବର୍ଷୀୟ ଯୁବକ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ପୂଜା ବିସର୍ଜନ ପରେ ଗ୍ରାମରେ ଏକ ବୈଠକ ଚାଲିଥିବା ସମୟରେ କୌଣସି ଏକ କାରଣକୁ ନେଇ ଦୀପକ ରୋହିଦାସ ଓ ଅରୁଣ ନାଏକଙ୍କ ମଧ୍ୟରେ ବିବାଦ ଉପୁଜିଥିଲା। ଏହି ସମୟରେ ଦୀପକ ରୋହିଦାସ, ପିତା ସ୍ୱପ୍ନେଶ୍ୱର ରୋହିଦାସ, କଟୁରୀରେ ଅରୁଣଙ୍କ ବେକକୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ଅରୁଣ ଗୁରୁତର ଆହତ ହୋଇ ରକ୍ତାକ୍ତ ଅବସ୍ଥାରେ ପଡ଼ିଯାଇଥିଲେ। ଖବର ପାଇ ଲେଫ୍ରିପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ଯୁବକଙ୍କୁ ଉଦ୍ଧାର କରି ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ



ପଠାଇଥିଲା। ସେଠାରେ ତାଙ୍କର ଚିକିତ୍ସା ଚାଲିଥିବା ଜଣାପଡ଼ିଛି। ଘଟଣାକୁ ନେଇ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିବା ବେଳେ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ଆକ୍ରମଣ ପଛର ପ୍ରକୃତ କାରଣ କ'ଣ ଏବଂ ଏଥିରେ ଅନ୍ୟ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ତାହା ପୋଲିସ ତଦନ୍ତ ପରେ ସ୍ପଷ୍ଟ ହେବ।

## ଭିତର ପୃଷ୍ଠାର ଅବଶିଷ୍ଟାଂଶ....

### ସବୁଠି ଶୀତର ପହିଲି ସ୍ପର୍ଶ : ୬ଟି ସ୍ଥାନରେ....

(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ) ସବୁଠାରୁ ବିଚିତ୍ର ପାଗ ଥିଲା କୋରାପୁଟ ଜିଲ୍ଲାରେ । କୋରାପୁଟ ସହରରେ ରାତି ତାପମାତ୍ରା ୨୦ ଡିଗ୍ରୀ ଥିଲା, ଯାହାକି ସ୍ୱାଭାବିକ ତୁଳନାରେ ୫.୨ ଡିଗ୍ରୀ ଅଧିକ । ମାତ୍ର କୋରାପୁଟ ସହରଠାରୁ ମାତ୍ର ୨୦-୨୨ କିମି ଦୂର ସେମିଲିଗୁଡ଼ାରେ ରାତି ତାପମାତ୍ରା ୧୧.୬ ଡିଗ୍ରୀ ଥିଲା । କୋରାପୁଟଠାରୁ ପ୍ରାୟ ୮.୪ ଡିଗ୍ରୀ କମ୍। ପାଣିପାଗ ବିଭାଗର ଆକଳନ ହେଲା, ବର୍ତ୍ତମାନ ଏଭଳି ପାଗ ରହିବ ପ୍ରାୟ ୭ ଦିନ ଧରି । ସପ୍ତାହେ ପର୍ଯ୍ୟନ୍ତ ବର୍ଷା ସମ୍ଭାବନା ପ୍ରାୟତଃ ନାହିଁ । ଆଇଏମଡି ସୂଚନା ଅନୁସାରେ ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ୧୩ ତାରିଖ ବେଳକୁ ଏକ ଲଘୁଚାପ ସୃଷ୍ଟି ହେବା ସମ୍ଭାବନା ଅଛି । ହେଲେ ଏହାର ବିଶେଷ ପ୍ରଭାବ ଓଡ଼ିଶା ଉପରେ ପଡ଼ିନପାରେ । ଓଡ଼ିଶାକୁ ବାଦଲ ଆସିପାରେ, ମାତ୍ର ବର୍ଷା ସମ୍ଭାବନା କମ୍ । ଏହା କହିଛନ୍ତି ଭୁବନେଶ୍ୱର ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ମନୋରମା ମହାନ୍ତି ।

### ରାଜ୍ୟର ୭୩୧ଟି କଲେଜରେ ମିଳିବ ମାଗଣା...

(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ) ଗବେଷଣାମୂଳକ ତଥ୍ୟ ଓ ବିଭିନ୍ନ ଶିକ୍ଷାମୂଳକ ସେବା ସହଜରେ ପାଇପାରିବେ। ବର୍ତ୍ତମାନର ଯୁଗରେ ଶିକ୍ଷା କେବଳ ପାଠ୍ୟପୁସ୍ତକ ମଧ୍ୟରେ ସୀମିତ ନାହିଁ। ପ୍ରତିଯୋଗିତାମୂଳକ ପରୀକ୍ଷା, ଅନଲାଇନ୍ କୋର୍ସ, ନୂତନ ଗବେଷଣା ଓ ନିଯୁକ୍ତି ସମ୍ପର୍କିତ ତଥ୍ୟ ପାଇଁ ଇଣ୍ଟରନେଟ୍ ଏକ ଅତ୍ୟାବଶ୍ୟକ ମାଧ୍ୟମ ହୋଇପଡ଼ିଛି। ବିଶେଷକରି ଗ୍ରାମାଞ୍ଚଳର ଗରିବ ଓ ମଧ୍ୟବି ପରିବାରର ଛାତ୍ରଛାତ୍ରୀଙ୍କୁ ଏହି ସୁବିଧା ମିଳିଲେ ସେମାନେ ମଧ୍ୟ ଡିଜିଟାଲ୍ ଶିକ୍ଷାରେ ଆଗକୁ ବଢ଼ିପାରିବେ। ତେବେ ଏହି ଯୋଜନାର ସଫଳ କାର୍ଯ୍ୟକାରିତା ପାଇଁ କେବଳ ଇଣ୍ଟରନେଟ୍ ସଂଯୋଗ ଯୋଗାଇଦେଲେ ହେବ ନାହିଁ। ନିରବଚ୍ଛିନ୍ନ ନେଟୱର୍କ, ସାଇବର ସୁରକ୍ଷା, ଆବଶ୍ୟକ ଯନ୍ତ୍ରପାତି ଓ ନିୟମିତ ରକ୍ଷଣାବେକ୍ଷଣ ଉପରେ ମଧ୍ୟ ଗୁରୁତ୍ୱ ଦେବାକୁ ପଡ଼ିବ। ଯୋଜନାଟି ଠିକ୍ ଭାବରେ କାର୍ଯ୍ୟକାରୀ ହେଲେ ଓଡ଼ିଶାର ଉଚ୍ଚଶିକ୍ଷା କ୍ଷେତ୍ରରେ ଏହା ଏକ ନୂଆ ଅଧ୍ୟାୟ ସୃଷ୍ଟି କରିପାରିବ।

# ଯାଉଁଳିପୋଖରୀ ମଠରେ ଗିରିଗୋବର୍ଦ୍ଧନ ପୂଜା ପାଳିତ



ଢେଙ୍କାନାଳ, ୧୦/୧୧: ସ୍ଥାନୀୟ ଯାଉଁଳିପୋଖରୀ ମଠ ପ୍ରାଙ୍ଗଣରେ ଶ୍ରୀ ଶ୍ରୀ ରଘୁନାଥଜୀଉଙ୍କର ଗିରିଗୋବର୍ଦ୍ଧନ ପୂଜା ପ୍ରତିବର୍ଷ ପରି ଚଳିତ ବର୍ଷ ମହାଆଡମ୍ବର ସହିତ ପାଳିତ ହୋଇଯାଇଅଛି । ମଧ୍ୟାହ୍ନରେ କୃଞ୍ଜରେ ଡାଳଛାମୁଣ୍ଡିଆ କରାଯାଇ ଠାକୁରଙ୍କୁ ସ୍ଥାପନ କରାଯାଇ ପୂଜା କରାଯାଇଥିଲା । ଠାକୁରଙ୍କ ପାଖରେ ବିଭିନ୍ନ ପ୍ରକାର ଫଳ, ପିଠା, କ୍ଷୀରି ଇତ୍ୟାଦି ଛପନ ଭୋଗ ଲାଗି କରାଯାଇଥିଲା । ପୂଜକ ଜଗନ୍ନାଥ ତ୍ରିପାଠୀ ପୂଜାକୁ ସମ୍ପାଦନ କରିଥିଲେ । ମଠ ମହନ୍ତ ଶ୍ରୀ ପ୍ରଭୁପାଦ ଦାସଙ୍କ ତତ୍ତ୍ୱାବଧାନରେ ସମସ୍ତ ପୂଜା ଅନୁଷ୍ଠିତ ହୋଇଥିଲା । କମିଟିର ସଞ୍ଜୟ କୁମାର ଭଞ୍ଜ, ଶିବ ପ୍ରସାଦ ଦାସ, ଚିନ୍ମୟାନନ୍ଦ ନାଥ ଓ କମିଟିର ସମସ୍ତ କର୍ମକର୍ତାଙ୍କ ସହଯୋଗରେ ଗିରିଗୋବର୍ଦ୍ଧନ ପୂଜା ସୂଚାରୁ ରୂପେ ପାଳିତ ହୋଇଥିଲା । ପୂଜାରେ ସହରର ବହୁ ଭକ୍ତ ଯୋଗଦେଇ ଠାକୁରଙ୍କ କୃପା ଲାଭ କରିବା ସହିତ ମଧ୍ୟାହ୍ନରେ ପ୍ରସାଦସେବନ କରିଥିଲେ ।

# ଖତେଇବେରେଣୀ ତାରିଣୀ ଭୋଗ ମଣ୍ଡପ ନିମ୍ନମାନର ନିର୍ମାଣ ଅଭିଯୋଗ



ଢେଙ୍କାନାଳ: ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ବାଲିକୁମା ପଂଚାୟତ ଖତେଇବେରେଣୀ ଠାରେ ତାରିଣୀ ପୀଠ ଭୋଗ ମଣ୍ଡପ ସରକାର ତରଫରୁ ଚାରି ଲକ୍ଷ ପଚାଶ ହଜାର ଟଙ୍କା ଅନୁଦାନ ନିର୍ମାଣ ପାଇଁ ମଞ୍ଜୁରୀ ହୋଇଛି ! ଠିକାଦାର ଏହାର ସଠିକ ମାପରେ ବାଲି, ସିମେଣ୍ଟ, ଇଟା ନିମ୍ନମାନର ତିଆରି ଚାଲିଛି ! ସରକାରୀ କର୍ମଚାରୀ ଉପସ୍ଥିତ ରହୁନଥିବାରୁ ଠିକାଦାର ମନଇଚ୍ଛା କାର୍ଯ୍ୟ କରୁଛି !କଙ୍କଡ଼ାହାଡ଼ ବ୍ଲକ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବାରୁ ଏହାର ଫାଇଦା ନେଉଛନ୍ତି ଠିକାଦାରଏବଂ କୌଣସି ସରକାରୀ କର୍ମଚାରୀ ତଦାରଖ କରୁନାହାନ୍ତି !ଏ ବିଷୟରେ ଯନ୍ତ୍ରୀକୁ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇନଥିଲା !ଏହାର ଉଚ୍ଚସ୍ତରୀୟ ତଦନ୍ତ ଏବଂ ଜିଲ୍ଲାପାଳ ତଦନ୍ତ ପାଇଁ ଦୃଷ୍ଟି ଆକ୍ରୃଶାଣ ପାଇଁ ଅଞ୍ଚଳ ବାସି ଦାବୀ କରିଛନ୍ତି !

# ଜିଲ୍ଲା ସ୍ତରୀୟ ଆନ୍ତଃ ବିଦ୍ୟାଳୟ ବକ୍ତୃତା ପ୍ରତିଯୋଗିତା

ଝାରସୁଗୁଡ଼ା, ୧୦/୧୧: ସଂଚୟ ପକ୍ଷ ପାଳନ ଉପଲକ୍ଷେ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ଅଧୀନସ୍ଥ ସଂଚୟ ଓ ଆର୍ଥିକ ସେବା ବିଭାଗ ଆନୁକୂଲ୍ୟରେ ଆଜି ସ୍ଥାନୀୟ ସଂସ୍କୃତି ଭବନଠାରେ ଏକ ଜିଲ୍ଲା ସ୍ତରୀୟ ଆନ୍ତଃ ବିଦ୍ୟାଳୟ ବକ୍ତୃତା ପ୍ରତିଯୋଗିତା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମଟି ଜିଲ୍ଲା ଆର୍ଥିକ ସେବା ଓ ସଂଚୟ ଅଧିକାରୀ ସୁମନା ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ପରିଚାଳନାରେ ସମ୍ପାଦିତ ହୋଇଥିଲା । ଏଥିରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି "ସୁରକ୍ଷିତ ଆର୍ଥିକ କାରବାର ସମୃଦ୍ଧ କରେ ପରିବାର" ଶୀର୍ଷକ ବିଷୟବସ୍ତୁ ଉପରେ ନିଜ ନିଜର ପ୍ରଭାବଶାଳୀ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ସଂଚୟର ଆବଶ୍ୟକତା ଏବଂ ସଚେତନ ଆର୍ଥିକ କାରବାର ଦ୍ୱାରା ପରିବାର ତଥା ସମାଜ କିପରି ସମୃଦ୍ଧି ହାସଲ କରିପାରିବ, ସେ ସମ୍ପର୍କରେ ଛାତ୍ରଛାତ୍ରୀମାନେ ଗୁରୁତ୍ୱାରୋପ କରିଥିଲେ । ଉକ୍ତ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ଭାବେ ଅନୁଷ୍କା ଓତା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଅଙ୍କିତ କୋଠିଆ ଦ୍ୱିତୀୟ ଏବଂ ବିବେକ ରଞ୍ଜନ ମହାନ୍ତି ତୃତୀୟ ସ୍ଥାନ ହାସଲ କରିଥିଲେ। ଏହି ପ୍ରତିଯୋଗିତାରେ ବିଚାରକ ଭାବେ ଝାରସୁଗୁଡ଼ା ଶିଶୁ କଲ୍ୟାଣ ସମିତିର ସଭ୍ୟା ମମତା ତ୍ରିପାଠୀ, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ସୁରକ୍ଷା ଅଧିକାରୀ ଚୂଡ଼ାମଣି ପଣ୍ଡା ଏବଂ ବିଶିଷ୍ଟ ସମାଜସେବୀ ନିରଞ୍ଜନ ମାଳୀ ଯୋଗଦେଇ ପ୍ରତିଯୋଗୀମାନଙ୍କ ପ୍ରଦର୍ଶନର ମୂଲ୍ୟାଙ୍କନ କରିଥିଲେ।

ସମଗ୍ର କାର୍ଯ୍ୟକ୍ରମର ସୁପରିଚାଳନାରେ ସଂଚୟ ଓ ଆର୍ଥିକ ସେବା ବିଭାଗର କର୍ମଚାରୀ ହେମକାନ୍ତ ବାଗ ଏବଂ ଜଗନ୍ନାଥ ରାଉତ ପ୍ରମୁଖ ସକ୍ରିୟ ସହଯୋଗ ପ୍ରଦାନ କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବା ସହ କାର୍ଯ୍ୟକ୍ରମଟି ଉଦଯାପିତ ହୋଇଥିଲା।

## ଗୋଚର ଜମିକୁ ଗ୍ରାସ କରୁଛି ଖଣି ଓ ଶିଳ୍ପ

ଝାରସୁଗୁଡ଼ା, ୧୦ /୧୧: ଶିଳ୍ପାୟନ ଓ ବିକାଶର ଆଡୁଆଳରେ ଧୀରେ ଧୀରେ ସଙ୍କୁଚିତ ହେବାରେ ଲାଗିଛି ଗୋଚର ଜମି। ଫଳରେ ଗୋରୁଗାଈଙ୍କ ଚରିବା ପାଇଁ ଆଉ ପର୍ଯ୍ୟାପ୍ତ ସ୍ଥାନ ମିଳୁନାହିଁ। ଏଭଳି ସ୍ଥିତି ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ବ୍ଲକ୍ ଅଞ୍ଚଳରେ ଗୋ-ସମ୍ପଦର ଅସ୍ତିତ୍ୱ ପ୍ରତି ବିପଦ ସୃଷ୍ଟି କରିଛି। ଗୋଚର ଜମି ହ୍ରାସ ଯୋଗୁଁ ଗୋପାଳନ ବୃତ୍ତି ମଧ୍ୟ ସଙ୍କଟରେ ପଡ଼ିଥିବା ବେଳେ ଅନେକ ପରିବାର ଜୀବିକା ହରାଇବାକୁ ବସିଛନ୍ତି। ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ଖଣି ଓ ଶିଳ୍ପ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ, ଗୋଚର ଜମି ଜବରଦଖଲ କରି ଘର ଓ ଦୋକାନ ନିର୍ମାଣ, ଗୋଚର କିସମ ଜମିକୁ ଅନ୍ୟ କିସମରେ ପରିବର୍ତ୍ତନ ଏବଂ ରାସ୍ତାଘାଟ ସମେତ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ନାମରେ ଗୋଚର ଜମି ବ୍ୟବହାର କରାଯାଉଛି। ଏହାଦ୍ୱାରା ପାରମ୍ପରିକ ଗୋଚର ଜମିର ପରିମାଣ କ୍ରମଶଃ କମିବାରେ ଲାଗିଛି। ଗୋଚର ଜମି ଅଭାବରୁ ଗୋରୁଗାଈ ଚରିବା ପାଇଁ ସ୍ଥାନ ନପାଇ ରାସ୍ତା ଉପରେ ବୁଲୁଛନ୍ତି। ଫଳରେ ବିଭିନ୍ନ ସମୟରେ ଯାନବାହନ ଧକ୍କାରେ ଗୋରୁଙ୍କ ମୃତ୍ୟୁ ଘଟୁଛି। ଅନ୍ୟପକ୍ଷରେ ଗୋପାଳନ ପାଇଁ ଆବଶ୍ୟକ ସୁବିଧା ନଥିବାରୁ ଦେଶୀ ଗାଈଙ୍କ ସଂଖ୍ୟା ମଧ୍ୟ ହ୍ରାସ ପାଉଛି। ଗୋବର ଓ ଗୋମୂତ୍ର ଆଧାରିତ ପାରମ୍ପରିକ ଜୈବିକ ଚାଷ ପ୍ରଣାଳୀ ମଧ୍ୟ କ୍ରମେ ଲୋପ ପାଇବାକୁ ବସିଛି। ଏହି ସମସ୍ୟାର ସବୁଠାରୁ ଅଧିକ ପ୍ରଭାବ ଲଖନପୁର ତହସିଲ ଅଞ୍ଚଳରେ ପଡ଼ିଥିବା ଅଭିଯୋଗ ହେଉଛି। ପୂର୍ବରୁ ଗୋଟିଏ ଗୋଟିଏ ଗାଁରେ ୨୦୦ରୁ ୩୦୦ ପର୍ଯ୍ୟନ୍ତ ଗାଈ ରହୁଥିବା ବେଳେ ଏବେ ସେହି ସଂଖ୍ୟା ୫୦କୁ ମଧ୍ୟ ଛୁଇଁପାରୁନାହିଁ। ଗୋଚର ଜମି ନଥିଲେ ଗୋରୁଗାଈ ପାଳନ କରିବୁ କିପରି ବୋଲି ସ୍ଥାନୀୟ ଗୋପାଳକମାନେ କ୍ଷୋଭ ପ୍ରକାଶ କରିଛନ୍ତି।ଗୋପାଳନ ବୃତ୍ତି ଉପରେ ନିର୍ଭରଶୀଳ ପରିବାରଗୁଡ଼ିକ ଏବେ ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ଗାଈ ସଂଖ୍ୟା କମିବା ସହ ଦୁଗ୍ଧ ଉତ୍ପାଦନ ଓ ପାରମ୍ପରିକ ଗୋପାଳନ ବୃତ୍ତି ପ୍ରଭାବିତ ହେଉଛି। ଜୀବିକା ହରାଇ ଅନେକ ଗୋପାଳକ ପରିବାରର ପିଲାମାନେ ମଧ୍ୟ ରୋଜଗାର ଅନ୍ୱେଷଣରେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଥିବା ଦେଖାଯାଉଛି। ଏଭଳି ସ୍ଥିତିରେ ଗୋ-ସମ୍ପଦର ସୁରକ୍ଷା ପାଇଁ ଅଞ୍ଚଳବାସୀ କେତେକ ଦାବି ଉଠାଇଛନ୍ତି।

# ଧୁତ୍ରା-ବାଗଡ଼ିହି ରେଳ ଲାଇନ୍ ରୁ ଲୁଟ୍ ହେଲା ରେଳ ସୁରକ୍ଷା ସାମଗ୍ରୀ : ୧୫୭ ପେଣ୍ଡ୍ରୋଲ୍ କ୍ଲିପ୍ ଓ ଫିସ୍ ପ୍ଲେଟ୍ ଚୋରି

## ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ରାଂଚିରୁ ପହଂଚିଲେ ବରିଷ୍ଠ ଆରପିଏଫ୍ ଅଧିକାରୀ

ଝାରସୁଗୁଡ଼ା, ୧୦/୧୧: ହାୱଡ଼ା-ମୁମ୍ବାଇ ରେଳପଥର ଧୁତ୍ରା-ବାଗଡ଼ିହି ରେଳ ଷ୍ଟେସନ ମଧ୍ୟବର୍ତୀ ଅଂଚଳରେ ଦୀପାବଳି ପୂର୍ବରୁ ଏକ ବଡ଼ ଧରଣର ରେଳ ଉପକରଣ ଚୋରି ଘଟଣା ସାମ୍ନାକୁ ଆସିଛି। ଦୁର୍ବୃତ୍ତମାନେ ତୃତୀୟ ରେଳ ଲାଇନ୍ ରୁ ୧୫୭ଟି ପେଣ୍ଡ୍ରୋଲ୍ କ୍ଲିପ୍ ଓ ଫିସ୍ ପ୍ଲେଟ୍ ଚୋରି କରି ନେଇଥିବା ଜଣାପଡ଼ିଛି। ପ୍ରାୟ ଏକ କିଲୋମିଟରରୁ ଅଧିକ ରେଳ ଧାରଣାରୁ ଏହି ସାମଗ୍ରୀ ଖୋଲି ନିଆଯାଇଥିବାରୁ ରେଳ ସୁରକ୍ଷା ବ୍ୟବସ୍ଥାକୁ ନେଇ ଗମ୍ଭୀର ପ୍ରଶ୍ନ ଉଠିଛି। ସୂଚନା ଅନୁଯାୟୀ, ଗତ ଶୁକ୍ରବାର ରାତିରେ ବାଗଡ଼ିହି-ଧୁତ୍ରା ମଧ୍ୟବର୍ତୀ ୪୯୭/୨-୮ କିଲୋମିଟର ନିକଟରେ ଥିବା ତୃତୀୟ ରେଳ ଲାଇନ୍ ରୁ ଦୁର୍ବୃତ୍ତମାନେ ପେଣ୍ଡ୍ରୋଲ୍ କ୍ଲିପ୍ ଓ ଫିସ୍ ପ୍ଲେଟ୍ ଖୋଲି ନେଇଥିଲେ। ରେଳ ଧାରଣାକୁ ଦୃଢ଼ ଭାବେ ଧରି ରଖିବା ସହ ସୁରକ୍ଷିତ ରେଳ ଚଳାଚଳରେ ଏହି ଉପକରଣଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ଏଭଳି ଚୋରି ଘଟଣାକୁ ରେଳବାଇ ସୁରକ୍ଷା ଦୃଷ୍ଟିକୋଣରୁ ଅତ୍ୟନ୍ତ ଗମ୍ଭୀର ବୋଲି ବିବେଚନା କରାଯାଉଛି। ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଚକ୍ରଧରପୁର ଆରପିଏଫ୍ କମାଣ୍ଡାଂଟ ଛୁଟିରେ ଥିବାରୁ ରାଂଚିରେ ଅବସ୍ଥାପିତ ବରିଷ୍ଠ କମାଣ୍ଡାଂଟ ଗତ ଶନିବାର ଘଟଣାସ୍ଥଳରେ ପହଂଚିଥିଲେ। ତାଙ୍କ ସହ ଆରପିଏଫ୍ ର ଏକ ସ୍ୱତନ୍ତ୍ର ଟିମ୍ ମଧ୍ୟ ତଦନ୍ତ ଆରମ୍ଭ କରିଥିଲା। ଚୋରି ହୋଇଥିବା ସାମଗ୍ରୀ କେଉଁଠାକୁ ନିଆଯାଇଛି ଏବଂ ଏହା ପଛରେ କେଉଁମାନଙ୍କ ହାତ ରହିଛି, ସେନେଇ ଖୋଲତାଡ଼ ଚାଲିଛି। ଅନ୍ୟପକ୍ଷରେ, ଏହି ଚୋରି ପଛରେ ସ୍କ୍ରାପ୍ ମାଫିଆଙ୍କ ସମ୍ପୃକ୍ତି ଥିବା ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ତେବେ ତଦନ୍ତ ଶେଷ ନ ହେବା ପର୍ଯ୍ୟନ୍ତ ଏହାର ସତ୍ୟତା ସ୍ପଷ୍ଟ ହୋଇନାହିଁ। ଏପରି ଏକ ସମ୍ବେଦନଶୀଳ ଘଟଣା ଘଟିବା ପରେ ଝାରସୁଗୁଡ଼ା ଆରପିଏଫ୍ର ସୁରକ୍ଷା ଓ ନିରୀକ୍ଷଣ ବ୍ୟବସ୍ଥାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ତେବେ ଏହି ଘଟଣାରେ ଏଯାଏଁ କାହାରିକୁ ଗିରଫ କରାଯାଇନଥିବା ଜଣାପଡ଼ିଛି। ରେଳ ଧାରଣାରୁ ସୁରକ୍ଷା ସାମଗ୍ରୀ ଏତେ ପରିମାଣରେ ଚୋରି ହେବା ରେଳବାଇ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହୋଇଥିବା ବେଳେ ଭବିଷ୍ୟତରେ ଏଭଳି ଘଟଣା ରୋକିବାକୁ ରେଳବାଇ କି ପଦକ୍ଷେପ ଗ୍ରହଣ କରୁଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

# ଦେବ୍ରିଗଡ଼ ଅଭୟାରଣ୍ୟରେ ସମ୍ବର ଶିକାର କଲା ମହାବଳ ବାଘ

ସମ୍ବଲପୁର, ୧୦ /୧୧: ଦେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟରେ ବିଚରଣ କରୁଥିବା ଏକ ମହାବଳ ବାଘ ଗତକାଲି ଅପରାହ୍ନରେ ପର୍ଯ୍ୟଟକ ବହୁଳ ଅଂଚଳକୁ ଆସିଥିବା ବେଳେ ୪ଟି ସଫାରି ଗାଡ଼ିରେ ଥିବା ପ୍ରାୟ ୪୦ ଜଣ ପର୍ଯ୍ୟଟକ ତାକୁ ଦେଖିବାର ସୁଯୋଗ ପାଇଥିଲେ। ନିଜର ଆବାସସ୍ଥଳୀ ଓ ଜଙ୍ଗଲ ପରିବେଶ ଅନୁସନ୍ଧାନ କରିବା ଉଦ୍ଦେଶ୍ୟରେ ବାଘଟି ପର୍ଯ୍ୟଟନ ଅଂଚଳକୁ ଆସିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଗତକାଲି ବିଳମ୍ବିତ ସନ୍ଧ୍ୟାରେ ଅଭୟାରଣ୍ୟର କୋର୍ ଅଂଚଳରେ ଏହି ପୁରୁଷ ରୟାଲ ବେଙ୍ଗଲ ଟାଇଗର ଏକ ସମ୍ବର ଶିକାର କରିଛି। ବାଘର ଏହି ଶିକାରକୁ ବନ ବିଭାଗ ପକ୍ଷରୁ ନିଶ୍ଚିତ କରାଯାଇଛି। ଏହା ଅଭୟାରଣ୍ୟରେ ବାଘର ସ୍ୱାଭାବିକ୍ ଶିକାରୀ ପ୍ରବୃତ୍ତି ସମ୍ପର୍କିତ ଏକ ଉଲ୍ଲେଖନୀୟ ପର୍ଯ୍ୟବେକ୍ଷଣ ବୋଲି କୁହାଯାଇଛି। ବାଘର ସୁରକ୍ଷାକୁ ଦୃଷ୍ଟିରେ ରଖି ଅଭୟାରଣ୍ୟର ପଶ୍ଚିମ ସୀମା ସମେତ ନଦୀପଥରେ ପାଟ୍ରୋଲିଂକୁ ଅଧିକ କଡ଼ାକଡ଼ି କରାଯାଇଛି। ଏଥିସହ ପୋଚିଂ, ଫାଶ, ଜାଲ କିମ୍ବା ବାଘର ସୁରକ୍ଷା ପ୍ରତି ବିପଦ ସୃଷ୍ଟିକାରୀ ଯେକୌଣସି ସନ୍ଦେହଜନକ କାର୍ଯ୍ୟକଳାପ ସମ୍ପର୍କରେ ତୁରନ୍ତ ସୂଚନା ଦେବାକୁ ପୁଲିସ, ସ୍ଥାନୀୟ ଜନସାଧାରଣ ଓ ଗୁପ୍ତ ସୂଚନାଦାତାଙ୍କୁ ସତର୍କ କରାଯାଇଛି। ଏଭଳି ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରୁଥିବା ସୂଚନାଦାତାଙ୍କ ପାଇଁ ୧ ହଜାର ଟଙ୍କା ପୁରସ୍କାର ଘୋଷଣା କରାଯାଇଛି। ସୂଚନାଦାତାଙ୍କ ପରିଚୟ ସମ୍ପୂର୍ଣ୍ଣ ଗୋପନ ରଖାଯିବ। ଏହି କାର୍ଯ୍ୟରେ ବରଗଡ଼ ଓ ସମ୍ବଲପୁର ପୋଲିସ ମଧ୍ୟ ଆବଶ୍ୟକ ସହଯୋଗ ଓ ସୂଚନା ପ୍ରଦାନ କରିବେ।



କୋଶଳ ସମ୍ବାଦ

# ଅନ୍ତର୍ଜାତୀୟ ଖବର



## ବଏଲର୍ ବଦଳାଇବା ବେଳେ ଷ୍ଟିଲ୍ ଫ୍ୟାକ୍ଟ୍ରିରେ ଭୟଙ୍କର ବିସ୍ଫୋରଣ, ୧୭ ମୃତ



ନୂଆଦିଲ୍ଲୀ,୧୦/୧୧: ଭୟଙ୍କର ବିସ୍ଫୋରଣ । ଆଖି ପିଛୁଳାକେ ସବୁ କିଛି ଛାରଖାର । ଚାଲିଗଲା ଅନେକ ଜୀବନ । ତୁର୍କୀର ଷ୍ଟିଲ୍ ଫ୍ୟାକ୍ଟ୍ରିରେ ଭୟଙ୍କର ବିସ୍ଫୋରଣ। ଇଜମିର୍ ପ୍ରଦେଶର ଆଲିଆଗା ଅଞ୍ଚଳରେ ଥିବା ଏକ ଷ୍ଟିଲ୍ ପ୍ଲାଣ୍ଟରେ ଘଟିଛି ଏହି ବଡ଼ ଅଘଟଣ। ବିସ୍ଫୋରଣରେ ୧୭ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୨ ଜଣ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରୁ ଦୁଇ ଜଣଙ୍କ ଅବସ୍ଥା ଗୁରୁତର ଥିବା ସୂଚନା ମିଳିଛି । ଷ୍ଟିଲ୍ ପ୍ଲାଣ୍ଟରେ କିପରି ହେଲା ବ୍ଲାଷ୍ଟ ବଏଲର୍ ବଦଳାଇବା କାମ ଚାଲିଥିବା ବେଳେ ହଠାତ୍ ଏକ ବିଶାଳ ଓଭରହେଡ୍ କ୍ରେନ୍ ଭାଙ୍ଗି ଇଲେକ୍ଟ୍ରିକ୍ ଆର୍କ ଫର୍ଣ୍ଣେସ୍ ଭିତରେ ଖସିପଡ଼ିଥିଲା । ଫଳରେ ଭୟଙ୍କର ବିସ୍ଫୋରଣ ସହ କାରଖାନାରେ ନିଆଁ ଲାଗିଯାଇଥିଲା । ବଏଲରକୁ ବଦଳାଇବା ପାଇଁ ଉତ୍ପାଦନ ବନ୍ଦ କରାଯାଇଥିଲା । ଏହାପରେ ପ୍ଲାଣ୍ଟ ଭିତରେ ନିଆଁ ଦ୍ରୁତ ଗତିରେ ବ୍ୟାପିଗଲା ଦୁର୍ଘଟଣା । ସମୟରେ ପ୍ଲାଣ୍ଟରେ ପ୍ରାୟ ୨୦୦ କର୍ମଚାରୀ ଉପସ୍ଥିତ ଥିଲେ। ବିସ୍ଫୋରଣ ପରେ ଘଟଣାସ୍ଥଳରେ ଅଗ୍ନିଶମ ଓ ଉଦ୍ଧାରକାରୀ ଟିମ୍ ପହଞ୍ଚି ନିଆଁ ଆୟତ କରିବା ସହ ଆହତଙ୍କୁ ହସ୍ପିଟାଲ୍ ପଠାଇଥିଲେ। ଘଟଣାକୁ ନେଇ ତୁର୍କୀ ରାଷ୍ଟ୍ରପତି ଦୁଃଖ ପ୍ରକାଶ କରିବା ସହ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ଏହି ଘଟଣାରେ ୫ ଜଣଙ୍କୁ ଅଟକ ରଖାଯାଇଥିବା ରିପୋର୍ଟ ହୋଇଛି । ତେବେ କ୍ରେନ୍ ଭାଙ୍ଗିବା ଓ ବିସ୍ଫୋରଣର ପ୍ରକୃତ କାରଣ କ'ଣ, ତାହା ଜାଣିବାକୁ ତଦନ୍ତ ଜାରି ରହିଛି । ଏହି ଦୁର୍ଘଟଣାରେ କିଏ ଅବହେଳା କରିଥିଲା ଏବଂ ଏଥିପାଇଁ କିଏ ଦାୟୀ, ତଦନ୍ତ ଶେଷ ହେବା ପରେ ହିଁ ଏହା ସ୍ପଷ୍ଟ ହେବ। କାରଖାନାରେ ସୁରକ୍ଷା ବ୍ୟବସ୍ଥାରେ ଅବହେଳା ହୋଇଥିଲା କି ନାହିଁ, ଏବେ ତାହାର ଖୋଳତାଡ଼ କରୁଛନ୍ତି ତଦନ୍ତକାରୀ ଅଧିକାରୀ । ହବାସ ଇସ୍ପାତ କାରଖାନା ୧୯୮୭ ମସିହାରେ ପ୍ରତିଷ୍ଠିତ ହୋଇଥିଲା । କମ୍ପାନୀର ୱେବସାଇଟ୍ ଅନୁଯାୟୀ, ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୪୫ ଲକ୍ଷ ଟନ୍ ରହିଛି । ଏହି କାରଖାନା ଇଜମିର ପ୍ରଦେଶର ଆଲିଗା ଅଞ୍ଚଳରେ ଅବସ୍ଥିତ । ଆଲିଗା ଏହାର ବୃହତ ବନ୍ଦର ଏବଂ ପୁରୁଣା ଜାହାଜ ଭାଙ୍ଗିବା ଶିଳ୍ପ ପାଇଁ ଜଣାଶୁଣା । ପ୍ଲାଞ୍ଚରେ ପୁରୁଣା ଜାହାଜ ଭାଙ୍ଗିବା କାର୍ଯ୍ୟକଳାପ ପରିବେଶକୁ ଯଥେଷ୍ଟ କ୍ଷତି ପହଞ୍ଚାଇଛି । ଏହି କାରଣରୁ ୟୁରୋପୀୟ ସଂଘର ଜାହାଜ ରିସାଇକ୍ଲିଂ ସୁବିଧା ତାଲିକାରୁ ଏଠାରେ ଥିବା ଜାହାଜ ଭାଙ୍ଗିବା କେନ୍ଦ୍ରକୁ ହଟାଇବାକୁ ମଧ୍ୟ ଦାବି କରାଯାଉଛି ।

## ବିଶ୍ୱର ସର୍ବବୃହତ ତାପଜ ଶକ୍ତି ଭଣ୍ଡାର, ୬୬ ଫୁଟ ଗର୍ତ୍ତରେ ଧରିବ ୧୦ କୋଟି ଗ୍ୟାଲନ୍ ପାଣି



ନୂଆଦିଲ୍ଲୀ, ୧୦/୧୧ : ଫିନ୍‌ଲାଣ୍ଡର ହାଇଭିନ୍‌କା ସହର ଖଣି ଖନନରୁ ସୃଷ୍ଟ ଏକ ବିଶାଳ ପୁରୁଣା ଗର୍ତ୍ତରେ ପ୍ରାୟ ୧୦ କୋଟି ଗ୍ୟାଲନ (୩୮୦,୦୦ କ୍ୟୁବିକ୍ ମିଟର) ପାଇପ୍ ପାଣି ଭର୍ତ୍ତି କରୁଛି । ୬୬ ଫୁଟ ଗଭୀର ଏହି ଗର୍ତ୍ତ ବିଶ୍ୱର ସର୍ବବୃହତ ତାପଜ ଶକ୍ତି ଭଣ୍ଡାର ହେବ, ଯାହା ସ୍ଥାନୀୟ ଲୋକଙ୍କ ଆବଶ୍ୟକତା ପୂରଣ କରିବ । ସହରର ପୌର ତାପଜ କମ୍ପାନି ହାଇଭିନ୍‌କା ଲାମ୍ପୋଭୋଇମା ଓ୍ୱାଇ ଆଶା କରିଛି, ଏହି ଭଣ୍ଡାର ସ୍ଥାନୀୟ ଲୋକଙ୍କ ଏକ ଚତୁର୍ଥାଂଶ ଉର୍ଜ୍ଜା ଆବଶ୍ୟକତା ପୂରଣ କରିବ । ଗତ ଅକ୍ଟୋବର ଆରମ୍ଭରେ ସହରର ମୁଖ୍ୟ ନଳରୁ ଜଳ ପ୍ରବାହ ଆରମ୍ଭ ହୋଇଥିଲା । ଏପ୍ରିଲ ୨୦୨୭ ଶେଷ ସୁଦ୍ଧା ଗର୍ତ୍ତରେ ପାଣି ପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି । ଏହି ଜଳାଶୟ ଭିତରେ ପାଣି ୪୦ ଡିଗ୍ରୀ ସେଲ୍‌ସିୟସରୁ ୯୦ ଡିଗ୍ରୀ ସେଲିସିୟସ୍ ମଧ୍ୟରେ ରହିବ । ଭିନ୍ନ ଭିନ୍ନ ଉଚ୍ଚତାରେ ୩ଟି ଡିଫ୍ୟୁଜର ସ୍ଥାନୀତ କରାଯାଇଛି, ଯାହା ପାଣିକୁ ଭିତରବାହାର କରିବ । ଚାର୍ଜ ସମୟରେ ପମ୍ପ ତଳୁ ଥଣ୍ଡା ପାଣି ଟାଣିବ ଏବଂ ଉତ୍ତପ୍ତ କରି ପୁଣି ଛାଡ଼ିବ । ଶୀର୍ଷରେ ଥିବା ଡିଫ୍ୟୁଜର ଜରିଆରେ ଉଷ୍ଣ ଗରମ ପାଣି ଫେରିବ ଏବଂ ଡିସ୍‌ଚାର୍ଜ ହେଲେ ସେହି ପ୍ରକ୍ରିୟା ଓଲଟା ମାର୍ଗରେ ହେବ । ମଝି ଡିଫ୍ୟୁଜରକୁ ଭବିଷ୍ୟତର ହିଟ୍ ପମ୍ପ କିୟା ପ୍ରାୟ ୭୦ ଡିଗ୍ରୀ ସେଲ୍‌ସିୟସ୍‌ର କମ୍ ଗରମ ବର୍ଜ୍ୟ ଉତ୍ତାପ ପାଇଁ ରଖାଯାଇଛି । ଏହି ଜଳାଶୟ ଥରେ ଚାର୍ଜ ହେଲେ ୧୮ ହଜାର ମେଗାୱାଟ୍ ଘଣ୍ଟା ଉର୍ଜ୍ଜା ଗଚ୍ଛିତ ରଖିବ । ତାହା ଶୀତଦିନେ ପ୍ରାୟ ୨୦ ହଜାର ଲୋକଙ୍କୁ ଗରମ ପାଣି ବା ଉତ୍ତାପ ଯୋଗାଇବା ପାଇଁ ପର୍ଯ୍ୟାପ୍ତ ହେବ। ଖରାଦିନେ ବିଜୁଳି ଶସ୍ତା ଓ ପ୍ରଚୁର ମାତ୍ରାରେ ଉପଲବ୍ଧ ହେଲେ, ଇଲେକ୍ଟ୍ରିକ୍ ବୟଲର ଓ ଔଦ୍ୟୋଗିକ ବର୍ଜ୍ୟର ଉତ୍ତାପରୁ ପାଣିକୁ ୯୦ ପ୍ରତିଶତ ଯାଏ ଗରମ କରାଯିବ। ଶୀତଦିନେ ଉର୍ଜ୍ଜା ଚାହିଦା ଓ ଦାମ୍ ବଢ଼ିଲେ, ଏହି ସଞ୍ଚିତ ଉତ୍ତାପର ଉପଯୋଗ ସହରର ଜିଲ୍ଲା ତାପଜ ନେଟ୍‌ୱର୍କରେ କରାଯିବ ।

## ଆମେରିକାରେ ପିଲାଙ୍କ ରିପୋର୍ଟ କାର୍ଡରେ କମିଲା ଗ୍ରେଡ୍, ସୁଧାରିବା ପରିବର୍ତ୍ତେ ସ୍କୁଲ୍ ନାଁରେ କୋର୍ଟ ଯାଉଛନ୍ତି ମା'-ବାପା



ନୂଆଦିଲ୍ଲୀ,୧୦/୧୧: ଆମେରିକାରେ ଅଭିଭାବକଙ୍କ ଠାରେ ବଢୁଛି ନୂଆ ପ୍ରବୃତ୍ତି । ଶିକ୍ଷକଙ୍କ ଉପରେ ପକାଉଛନ୍ତି ଚାପ । ପିଲାଙ୍କ ରିପୋର୍ଟ କାର୍ଡରେ କମ୍ ଗ୍ରେଡ୍ ଆସିଲେ, ମା'ବାପା ସେମାନଙ୍କୁ ବୁଝାଇବା କିମ୍ବା ପାଠପଢ଼ାରେ ସୁଧାର ଆଣିବାକୁ ପରାମର୍ଶ ଦେବା ବଦଳରେ ସ୍କୁଲ୍ ପ୍ରଶାସନକୁ କୋର୍ଟକୁ ଟାଣୁଛନ୍ତି । ଶିକ୍ଷକମାନେ ରିପୋର୍ଟ କାର୍ଡରେ ଦେଇଥିବା ମନ୍ତବ୍ୟ ଓ ଗ୍ରେଡକୁ ନେଇ ଅଭିଭାବକ ମାନେ ଆଇନଗତ ଲଢ଼େଇ ଲଢ଼ିବା ପର୍ଯ୍ୟନ୍ତ ଯାଉଛନ୍ତି । ସିଲିକନ୍ ଭ୍ୟାଲିରେ ଏପରି କେତେକ ମାମଲା ସାମ୍ନାକୁ ଆସିଛି, ଯେଉଁଠାରେ ମା'ବାପା ପିଲାଙ୍କ ଗ୍ରେଡ୍ ଏବଂ ଶିକ୍ଷକଙ୍କ ମନ୍ତବ୍ୟକୁ ଚ୍ୟାଲେଞ୍ଜ କରି ସ୍କୁଲ୍ ଡିଷ୍ଟ୍ରିକ୍ଟ ବିରୋଧରେ ମାମଲା ଦାୟର କରିଛନ୍ତି । ଯାହାକି ଏବେ ଚର୍ଚ୍ଚାର ବିଷୟ ପାଲଟିଛି । 'ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ'ର ରିପୋର୍ଟ ଅନୁସାରେ, ସଦ୍ୟ ମାମଲା କାଲିଫର୍ଣ୍ଣିଆର ପାଲୋ ଆଲ୍ଟୋରୁ ଆସିଛି । ଏଠାରେ ୱେଇୱେଇ ଲୁଓ ନାମ୍ନୀ ଜଣେ ମହିଳା ତାଙ୍କ ତୃତୀୟ ଶ୍ରେଣୀରେ ପଢୁଥିବା ପୁଅର ରିପୋର୍ଟ କାର୍ଡରେ ଶିକ୍ଷକଙ୍କ ମନ୍ତବ୍ୟକୁ ନେଇ ଅଭିଯୋଗ କରିଥିଲେ । ଶିକ୍ଷକ ଲେଖି ଥିଲେ ଯେ, ପିଲାଟିକୁ ଅନ୍ୟମାନଙ୍କ ସହ ମିଶି କାମ କରିବା ଏବଂ ସେମାନଙ୍କ କଥା ବୁଝିବାର କ୍ଷମତାରେ ସୁଧାର ଆଣିବା ଆବଶ୍ୟକ । ସ୍କୁଲ୍ ଖେଳପଡ଼ିଆରେ ପିଲାମାନଙ୍କ ମଧ୍ୟରେ 'ଟ୍ୟାଗ୍ ଗେମ୍' ଖେଳିବା ସମୟରେ ଏକ ବିବାଦ ସୃଷ୍ଟି ହୋଇଥିଲା । ଜଣେ ପିଲା ଲୁଓଙ୍କ ପୁଅକୁ ଜିଭ ଦେଖାଇ ଚିଡ଼ାଇ ଥିଲା, ଯାହାର ଜବାବରେ ସେ ତାକୁ ଗୋଇଠା ମାରିଥିଲା । ଶିକ୍ଷକ ରିପୋର୍ଟ କାର୍ଡରେ ଲେଖିଥିଲେ ଯେ ପିଲାଟି ନିରାଶ ହେବା ସମୟରେ ନିଜ ସାଥୀମାନଙ୍କ ପ୍ରତି ପ୍ରତିକ୍ରିୟା ସୁଧାରିବା ଏବଂ ଅନ୍ୟମାନଙ୍କ ଦୃଷ୍ଟିକୋଣ ବୁଝିବା ଉପରେ କାମ କରୁଛି । ପାଲୋ ଆଲ୍ଟୋରେ ହିଁ ଅନ୍ୟ ଏକ ମାମଲାରେ, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (AI) ଷ୍ଟାର୍ଟଅପର ପ୍ରତିଷ୍ଠାତା ତଥା ସିଇଓ ତାକାଶି କାଟୋ ନିଜ ପୁଅର ଗ୍ରେଡକୁ ନେଇ ସ୍କୁଲ୍ ଡିଷ୍ଟ୍ରିକ୍ଟ ବିରୋଧରେ ଫେଡେରାଲ୍ କୋର୍ଟରେ ମାମଲା ଦାୟର କରିଛନ୍ତି । ଏହି ମାମଲା ଦଶମ ଶ୍ରେଣୀର ଏକ ଆସାଇନମେଣ୍ଟ ସହ ଜଡ଼ିତ ଥିଲା। ପୁଅଟି ଇଂରାଜୀ ବିଷୟରେ ଆର୍ଥର ମିଲରଙ୍କ ନାଟକ 'ଦି କ୍ରୁସିବଲ୍' ଉପରେ ଏକ ରଚନା ଲେଖିଥିଲା । ସ୍କୁଲର AI ଡିଟେକ୍ସନ୍ ସଫ୍ଟୱେର୍ ଏହାକୁ ୭୬ ପ୍ରତିଶତ ଇଓ ଦ୍ୱାରା ଲେଖାଯାଇ ଥିବା ଦର୍ଶାଇ ଥିଲା । ଏହା ପରେ ଶିକ୍ଷକ ଛାତ୍ରଟିକୁ ପୁନର୍ବାର ଆସାଇନମେଣ୍ଟ କରିବାକୁ ସୁଯୋଗ ଦେଇଥିଲେ, କିନ୍ତୁ ନୂଆ ଆସାଇନମେ ରେ ତାକୁ 'ଉ' ଗ୍ରେଡ୍ ମିଳି ଥିଲା । ଏହାଯୋଗୁଁ ତାଙ୍କର ଫାଇନାଲ୍ ଗ୍ରେଡ୍ କମିଯାଇ 'C' ହୋଇଯାଇ ଥିଲା । ବାପା ଏହି ନିଷ୍ପତ୍ତିର ବିରୋଧ କରି ଥିଲେ। ସେ ସ୍କୁଲକୁ ୧,୧୬୨ ପୃଷ୍ଠାର ଏକ ଦଲିଲ୍ ପ୍ରଦାନ କରିଥିଲେ, ଯେଉଁଥିରେ ପୁଅର ରଚନା ଲେଖିବା ଏବଂ ସେଥିରେ ପରିବର୍ତ୍ତନ କରିବାର ସମ୍ପୂର୍ଣ୍ଣ ପ୍ରକ୍ରିୟା ଦେଖା ଯାଇ ଥିଲା। ତାଙ୍କର ଯୁକ୍ତି ଥିଲା ଯେ ଏଥିରୁ ପ୍ରମାଣିତ ହେଉଛି ଯେ, ପୁଅ AIର ବ୍ୟବହାର କରି ନାହିଁ । ସେ ଏହା ମଧ୍ୟ ଦାବି କରିଥିଲେ ଯେ AI ଡିଟେକ୍ସନ୍ ସଫ୍ଟୱେର୍ ଗୁଡ଼ିକ ଅଣ-ଇଂରାଜୀ ମାତୃଭାଷୀ ଛାତ୍ରଛାତ୍ରୀଙ୍କ ପ୍ରତି ପକ୍ଷପାତପୂର୍ଣ୍ଣ ହୋଇ ପାରନ୍ତି । ଆମେରିକାରେ ଶିକ୍ଷକମାନଙ୍କ ପାଇଁ ଅଭିଭାବକମାନଙ୍କର ଏହି ମନୋଭାବ ଏକ ବଡ଼ ଆହ୍ୱାନ ସାଜିଛି ।

## ତୁର୍କୀର ଇସ୍ପାତ କାରଖାନାରେ ବିସ୍ଫୋରଣ, ୧୬ ମୃତ, ୧୩ ଆହତ; ରାଷ୍ଟ୍ରପତି ଏର୍ଦୋଗାନ୍ କହିଲେ- ସମଗ୍ର ଦେଶ ଶୋକାକୁଳ

ଅଙ୍କାରା (ତୁର୍କୀ)୧୦/୧୧: ପଶ୍ଚିମ ତୁର୍କୀର ଏକ ଇସ୍ପାତ କାରଖାନାରେ ଘଟିଥିବା ବିସ୍ଫୋରଣରେ ଅତିକମ୍ରେ ୧୬ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୧୩ ଜଣ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରୁ ଦୁଇଜଣଙ୍କ ଅବସ୍ଥା ଗୁରୁତର ରହିଛି । ରାଷ୍ଟ୍ରପତି ରଜବ ତୈୟବ ଏର୍ଦୋଗାନ୍ ସୋମବାର କ୍ୟାବିନେଟ୍ ବୈଠକ ପରେ ଏହି ଘଟଣା ସମ୍ପର୍କରେ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି ଯେ, ଇଜମିରର ଆଲିଆଗା ଜିଲ୍ଲାରେ ଘଟିଥିବା ଏହି ବିସ୍ଫୋରଣର କାରଣ ଜାଣିବା ଏବଂ ଏଥିପାଇଁ ଦାୟୀ ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବା ପାଇଁ ନ୍ୟାୟିକ ଓ ପ୍ରଶାସନିକ ତଦନ୍ତ ଆରମ୍ଭ ହୋଇଛି। ତୁର୍କୀର ପ୍ରମୁଖ ନ୍ୟୁଜ୍ ଚ୍ୟାନେଲ୍ 'ଟିଏନ୍ଟି ୱାର୍ଲ୍ଡ'ର ରିପୋର୍ଟ ଅନୁଯାୟୀ, ଅଙ୍କାରାସ୍ଥିତ ରାଷ୍ଟ୍ରପତି ଭବନ ପରିସରରେ କ୍ୟାବିନେଟ୍ ବୈଠକ ପରେ ରାଷ୍ଟ୍ରପତି ଏର୍ଦୋଗାନ୍ କହିଥିଲେ, 'ଏହି ଘଟଣା ସମଗ୍ର ଦେଶକୁ ଗଭୀର ଦୁଃଖ ଦେଇଛି। ଏଥିପାଇଁ ଦାୟୀ ବ୍ୟକ୍ତିମାନଙ୍କୁ ମଧ୍ୟ ଚିହ୍ନଟ କରାଯିବ।' ଇଜମିରର ଗଭର୍ଣ୍ଣର ସୁଲେମାନ ଏଲବାନ୍ କହିଛନ୍ତି ଯେ, ସ୍ଥାନୀୟ ସମୟ ଅନୁଯାୟୀ ସକାଳ ପ୍ରାୟ ୧୧ଟା ୪୬ ମିନିଟ୍ରେ (୦୮:୪୬ ଜିଏମ୍ଟି) 'ହାବାସ୍ ଆଇରନ୍ ଆଣ୍ଡ ଷ୍ଟିଲ୍ ପ୍ଲାଣ୍ଟ'ରେ ଭଟ୍ଟି (ଫର୍ନେସ୍) ପରିବର୍ତ୍ତନ କରାଯାଉଥିବା ସମୟରେ ଏହି ବିସ୍ଫୋରଣ ଘଟିଥିଲା। ଏକ ସିଲିଂ କ୍ରେନ୍ ଖସି ପଡ଼ିବାରୁ କିଛି ସାମଗ୍ରୀ ଇଲେକ୍ଟ୍ରିକ୍ ଆର୍କ ଫର୍ନେସ୍ରେ ପଡ଼ିଥିଲା । ଫଳରେ ପ୍ରାକୃତିକ ଗ୍ୟାସ୍ ପାଇପ୍ଲାଇନ୍ କ୍ଷତିଗ୍ରସ୍ତ ହୋଇ ବିସ୍ଫୋରଣ ଘଟିଥିଲା । ପ୍ରାରମ୍ଭରେ ଗଭର୍ଣ୍ଣର ୧୦ ଜଣଙ୍କ ମୃତ୍ୟୁ ଓ ୧୫ ଜଣ ଆହତ ହୋଇଥିବା ସୂଚନା ଦେଇଥିଲେ। ସେ କହିଥିଲେ ଯେ, ଉଦ୍ଧାର କାର୍ଯ୍ୟ ଜାରି ରହିଛି ଏବଂ ଭଙ୍ଗାରୁଜା ହୋଇଥିବା ଅଂଶ ତଳେ ଚାରିଜଣ ଫସି ରହିଥିବା ଆଶଙ୍କା ରହିଛି । ଏଲବାନ୍‌ଙ୍କ ସୂଚନା ଅନୁଯାୟୀ, ଘଟଣା ସମୟରେ କାରଖାନାରେ ପ୍ରାୟ ୨୦୦ ଜଣ ଶ୍ରମିକ ଉପସ୍ଥିତ ଥିଲେ । ସାଧାରଣ ଉତ୍ପାଦନ ସମୟରେ ଏଠାରେ ୩୦୦ରୁ ଅଧିକ ଶ୍ରମିକ କାର୍ଯ୍ୟ କରନ୍ତି। ଏପର୍ଯ୍ୟନ୍ତ ଏହି ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ। ମାମଲାର ନ୍ୟାୟିକ ଓ ପ୍ରଶାସନିକ ତଦନ୍ତ ଜାରି ରହିଛି।

## ୬.୫ କେଜି ସୁନା ଓ ୩୮୦ କ୍ୟାରେଟ୍ ହୀରାରେ ରଙ୍ଗୋଲି, ଭାଇରାଲ ଭିଡିଓ ଦେଖି ୟୁଜର ଦେଲେ ଏଭଳି ରିଆକ୍ସନ



ନୂଆଦିଲ୍ଲୀ,୧୦।୧୧: ଦୀପାବଳିରେ ଘର ଅଗଣାରେ ରଙ୍ଗବେରଙ୍ଗର ରଙ୍ଗୋଲି ସଜାଇବାର ପରମ୍ପରା ରହିଛି। କିନ୍ତୁ ଦୁବାଇରେ ଏଥର ରଙ୍ଗୋଲିକୁ ମିଳିଛି ଏକ ରାଜକୀୟ ରୂପ। ଏଠାରେ ରଙ୍ଗ ଓ ଫୁଲ ବଦଳରେ ଅସଲି ସୁନା ଓ ହୀରାରେ ତିଆରି ହୋଇଛି ଏକ ବିଶାଳ ରଙ୍ଗୋଲି। ଯାହାର ଚମକ ଦେଖି ଲୋକଙ୍କ ଆଖି ଖୋସି ହୋଇଯାଉଛି। ଦୁବାଇର ପ୍ରସିଦ୍ଧ ସିଟି ସେଣ୍ଟର ଦେଇରା ମଲ୍ ?ରେ ଦୀପାବଳି ଅବସରରେ ଏହି ନିଆରା ରଙ୍ଗୋଲି ପ୍ରସ୍ତୁତ କରାଯାଇଛି। ସୋସିଆଲ ମିଡିଆରେ ଏହାର ଭିଡିଓ ଭାଇରାଲ ହେବା ପରେ ଏବେ ସାରା ବିଶ୍ୱରେ ଏହାକୁ ନେଇ ଚର୍ଚ୍ଚା। ଏହି ରାଜକୀୟ ରଙ୍ଗୋଲି ପ୍ରସ୍ତୁତ କରିବାରେ ବ୍ୟବହାର ହୋଇଛି ପ୍ରାୟ ୬.୫ କିଲୋଗ୍ରାମ ସୁନା। ଏଥିରେ ୨୧୩ରୁ ଅଧିକ ସୁନା ହାର, କଙ୍କଣ, ଝୁମକା ଓ ପେଣ୍ଡେଣ୍ଟ୍‌କୁ ସୁନ୍ଦର ଭାବେ ସଜାଯାଇଛି। ଏହା ସହ ରଙ୍ଗୋଲିର ଆକର୍ଷଣ ବଢ଼ାଇବା ପାଇଁ ୩୮୦ କ୍ୟାରେଟ୍‌ରୁ ଅଧିକ ଅସଲି ହୀରା ବ୍ୟବହାର କରାଯାଇଛି। ଏହି ଅନନ୍ୟ କଳାକୃତିକୁ ତିଆରି କରିବା ପାଇଁ ୧୦ ଜଣ ଦକ୍ଷ କାରିଗରଙ୍କୁ ଲାଗିଥିଲା ପ୍ରାୟ ୧୬ ଘଣ୍ଟା। ପ୍ରତ୍ୟେକ ଗହଣାକୁ ହାତରେ ସଜାଇ ଏହି ଆକର୍ଷଣୀୟ ଡିଜାଇନ୍ ପ୍ରସ୍ତୁତ କରାଯାଇଛି। ଇ ନ୍ଷ । ଗ୍ । ମ ର dubaifestivals ଆକାଉଣ୍ଟରେ ଏହି ରଙ୍ଗୋଲିର ଭିଡିଓ ସେୟାର ହେବା ପରେ ଏହା ଭାଇରାଲ ହୋଇଛି। ମଲ୍ ଭିତରେ ଏତେ ପରିମାଣର ସୁନା ଓ ହୀରା ସର୍ବସାଧାରଣଙ୍କ ପାଇଁ ଏପରି ଭାବେ ସଜାଯାଇଥିବା ଦେଖି ଅନେକ ଲୋକ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ଜଣେ ୟୁଜର୍ ମଜାଳିଆ ଢଙ୍ଗରେ ଲେଖିଛନ୍ତି, ଆମ ଦେଶର କୌଣସି ମଲରେ ଏପରି ରଙ୍ଗୋଲି ତିଆରି ହେଲେ ୫ ମିନିଟ୍ ?ରେ ସୁନା ଓ ରଙ୍ଗୋଲି ଉଭୟ ଗାଏବ ହୋଇଯିବ! ଅନ୍ୟ ଜଣେ ଦୁବାଇର ସୁରକ୍ଷା ବ୍ୟବସ୍ଥାକୁ ପ୍ରଶଂସା କରିଛନ୍ତି।

## ଚୀନ୍ ଗୁପ୍ତଚରଙ୍କ ସହ ଏନ୍‌ଭିଡିଆ ସିଇଓଙ୍କ ଚୋରା ପ୍ରେମ : ଛାଡ଼ପତ୍ର ହେଲେ ପତ୍ନୀ ପାଇବେ କେତେ ସମ୍ପତ୍ତି



ନୂଆଦିଲ୍ଲୀ,୧୦/୧୧: କର୍ପୋରେଟ୍ ଜଗତରେ ବର୍ଷର ସବୁଠୁ ବଡ଼ ସ୍ୱୀକାରୋକ୍ତି କହିଲେ ଭୁଲ ହେବ ନାହିଁ । ଏହି ସ୍ୱୀକାରୋକ୍ତି ପରଠୁ କୋମାରେ ଟେକ୍‌ଦୁନିଆ । ବିଶ୍ୱର ଅନ୍ୟତମ ଶୀର୍ଷ ଚିପ୍ କମ୍ପାନି ଏନ୍‌ଭିଡିଆର ସିଇଓ ଜେନସେନ୍ ହୁଆଙ୍ଗ ଜଣେ ଚୀନ୍ ମହିଳା ଉଦ୍ୟୋଗୀଙ୍କୁ ଚୋରା ପ୍ରେମ କରିବା କଥା ସ୍ୱୀକାର କରିଛନ୍ତି । ଗତ ୨୯ ଅକ୍ଟୋବର, ନ୍ୟୁୟର୍କଟାଇମ୍ସର ଏକ ରିପୋର୍ଟରେ ଏ ବିଷୟରେ ପ୍ରକାଶ ପାଇଥିଲା । ଏହାପରେ ଗତ ରବିବାର ଜେନସେନ୍ ନିଜ କମ୍ପାନିର କର୍ମଚାରୀଙ୍କୁପଠାଇଥିବା ବାର୍ତ୍ତାରେ ପତ୍ନୀ ଲୋରି ହୁଆଙ୍ଗଙ୍କ ସହ ପ୍ରତାରଣାକରିଥିବା ସ୍ୱୀକାର କଲେ ଏବଂ ପତ୍ନୀ ଓ ସନ୍ତାନଙ୍କୁ କ୍ଷମା ମାଗିଲେ । ସେହି ଚୀନ୍ ମହିଳାଙ୍କୁ ନେଇ ଏବେ ଚର୍ଚ୍ଚା, ଯାହାଙ୍କ ପାଇଁ ଜେନସେନ୍ ପରିବାରକୁ ଠକିଲେ। ସେ କେବଳ କର୍ପୋରେଟ୍ ଦୁନିଆରେ ନୁହେଁ, ବରଂ ଚୀନ୍‌ରୁ ଆମେରିକା ଯାଏ ସବୁଠି ହଇଚଇ ସୃଷ୍ଟି କରିଛନ୍ତି । ତାଙ୍କ ନାଁ- ଆଲିସ ହୁଆଙ୍ଗ । ଜେନସେନ୍‌ଙ୍କ ସହ ଚୋରା ପ୍ରେମ ସାମ୍ନାକୁ ଆସିବା ପରେ ଆମେରିକା ଆଲିସଙ୍କୁ ଚୀନ୍ ଗୁପ୍ତଚର କହୁଛି । ଜେନସେନ୍ ହନିଟ୍ରାପ୍‌ରେ ଫସିଥିବା ଏହା ଆଶଙ୍କା କରିଛି । କିନ୍ତୁ ଚୀନ୍ ଏହାକୁ ସିଧା ଖଣ୍ଡନ କରିଛି । ପତ୍ନୀ ଏବଂ ପିଲାଙ୍କୁ ଧୋକ ଦେଇଥିବା ନିଜେ ସ୍ୱୀକାର କରିଛନ୍ତି ଏନ୍‌ଭିଡିଆର ସିଇଓ ଜେନସେନ୍ । ତେବେ ଯଦି ପତ୍ନୀଙ୍କ ସହ ଛଡ଼ ପତ୍ର ହୁଏ ତେବେ କେତେ ଟଙ୍କା ଗଣିବେ ଜେନସେନ୍। ଅଧା ସମ୍ପତ୍ତି ଦେବାକୁ ପଡ଼ିବ କି ? ୧୯୯୩ରେ ଜେନସେନ୍ ଆରମ୍ଭ କରିଥିଲେ ଏନ୍‌ଭିଡିଆ-୬୩ ବର୍ଷୀୟ ଜେନସେନ୍ ୧୯୯୩ରେ ଏନ୍ଭିଡିଆ ଆରମ୍ଭ କରିଥିଲେ । ଆରମ୍ଭରେ ଏହା କମ୍ପ୍ୟୁଟର ପାଇଁ ଗ୍ରାଫିକ୍ସ ଚିପ୍ ନିର୍ମାଣ କରୁଥିଲା । ପରେ ଏଆଇର ଚାହିଦା ବୃଦ୍ଧି ସହିତ କମ୍ପାନିର କାରବାର ଖୁବ୍ ବଢ଼ିଲା ଏବଂ ବିଶ୍ୱର ଅନ୍ୟତମ ସବୁଠୁ ବଡ଼ କମ୍ପାନିରେ ସାମିଲ ହେଲା । ଜେନସେନ୍‌ଙ୍କ ପରିବାର ମଧ୍ୟ କମ୍ପାନି ସହ ଜଡ଼ିତ । ପୁଅ ସ୍ପେନ୍ସର ପ୍ରଡକ୍ଟ ମ୍ୟାନେଜମେଣ୍ଟ ଡାଇରେକ୍ଟର ଏବଂ ରୋବୋଟିକ୍ସ କାମ ସହ ଜଡ଼ିତ । ଝିଅ ମାଡିସନ୍ ବରିଷ୍ଠ ନିର୍ଦ୍ଦେଶକ, ଯିଏ ରୋବୋଟିକ୍ସ ସହ କମ୍ପାନିର ମାର୍କେଟିଂ ଓ ପ୍ରଚାର କାମ ଦେଖୁଛନ୍ତି । ଜ୍ୱାଇଁ ନିକୋ କାପ୍ରେଜ କମ୍ପା